ବର୍ଷ-୨୫, ସଂଖ୍ୟା-୩୨
ଭୁବନେଶ୍ୱର
୨, ଫେବୃଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 32
Bhubaneswar
2 February, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମଧ୍ୟବିତ୍ତଙ୍କୁ ଖୁସ୍ କରିଦେଲେ ନିର୍ମଳା

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଆଜି ସଂସଦରେ କେନ୍ଦ୍ର ବଜେଟ୍ ୨୦୨୫-୨୬ ଉପସ୍ଥାପନ କରିଛନ୍ତି। ତେଲୁଗୁ କବି ତଥା ନାଟ୍ୟକାର ଗୁରଜାଦା ଅପ୍ପା ରାଓଙ୍କ ପ୍ରସିଦ୍ଧ ଉକ୍ତିକୁ ଉଦ୍ଧୃତ କରି ଅର୍ଥମନ୍ତ୍ରୀ କହିଥିଲେ, 'ଗୋଟିଏ ଦେଶ କେବଳ ଏହାର ମାଟି ନୁହେଁ; ଗୋଟିଏ ଦେଶ ଏହାର ନାଗରିକଙ୍କୁ ନେଇ ଆଧାରିତ।' ଅର୍ଥମନ୍ତ୍ରୀ ସମସ୍ତ ଅଂଚଳର ସନ୍ତୁଳିତ ବିକାଶକୁ ଉତ୍ସାହିତ କରୁଥିବା 'ସବକା ବିକାଶ' ଲକ୍ଷ୍ୟ ସହିତ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ।

୨୦୨୫-୨୬ ବଜେଟରେ 'ପ୍ରଥମେ ବିଶ୍ୱାସ, ପରେ ଯାଂଚ' ଦର୍ଶନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମଧ୍ୟବିତ୍ତବର୍ଗଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇଛି ଏବଂ ସାଧାରଣ ଟିକସଦାତାଙ୍କୁ ଟିକସ ବୋଝରୁ ମୁକ୍ତି ଦେବାର ଧାରା ଜାରି ରହିଛି। କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରି ସମସ୍ତ ଟିକସଦାତାଙ୍କୁ ଫାଇଦା ଦେବା ପାଇଁ ଟିକସ ସ୍ଲାବ୍ ଏବଂ ଦରରେ ଉଲ୍ଲେଖନୀୟ ପରିବର୍ତ୍ତନ ପ୍ରସ୍ତାବ ଦେଇଛନ୍ତି।

ଟିକସଦାତାଙ୍କୁ ଖୁସି ଖବର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ (ଅର୍ଥାତ୍ କ୍ୟାପିଟାଲ ଗେନ୍ ଭଳି ସ୍ୱତନ୍ତ୍ର ହାର ଆୟକୁ ବାଦ୍ ଦେଇ ହାରାହାରି ଏକ ଲକ୍ଷ ଟଙ୍କା ମାସିକ ଆୟ ଉପରେ) ଉପରେ କୌଣସି ଆୟକର ଆଦାୟ କରାଯିବ ନାହିଁ। ୭୫,୦୦୦ ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନ ଯୋଗୁଁ ବେତନଭୋଗୀ ଟିକସଦାତାଙ୍କ ପାଇଁ ଛାଡ଼ସୀମା ୧୨.୭୫ ଲକ୍ଷ ଟଙ୍କା ରହିବ। ସ୍ଲାବ୍ ହାର ହ୍ରାସର ଲାଭ ବ୍ୟତୀତ ଟିକସ ରିହାତି ଏପରି ଭାବେ ଯୋଗାଇ ଦିଆଯାଉଛି ଯେ ସେମାନଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।

ନିର୍ମଳା ସୀତାରମଣ କହିଛନ୍ତି ଯେ ନୂତନ ଟିକସ ଢାଂଚା ମଧ୍ୟବିତ୍ତଙ୍କ ଉପରେ ଟିକସ ବୋଝକୁ ଯଥେଷ୍ଟ ହ୍ରାସ କରିବ ଏବଂ ସେମାନଙ୍କ ହାତରେ ଅଧିକ ଟଙ୍କା ଉପଲବ୍ଧ କରାଇବ, ଯାହା ଦ୍ୱାରା ଘରୋଇ ବ୍ୟବହାର, ସଂଚୟ ଏବଂ ନିବେଶକୁ ପ୍ରୋତ୍ସାହନ ମିଳିବ।

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଥିଲେ କୃଷି, ଏମ୍ଏସ୍ଏମ୍ଇ, ନିବେଶ ଏବଂ ରପ୍ତାନୀ ହେଉଛି ବିକାଶିତ ଭାରତ ଯାତ୍ରାର ଇଞ୍ଜିନ୍, ଯେଉଁଥିରେ ସଂସ୍କାରକୁ ଇନ୍ଧନ ଭାବେ ବ୍ୟବହାର କରାଯାଉଛି, ଯାହା ସମାବେଶୀ ମନୋଭାବ ଦ୍ୱାରା ପରିଚାଳିତ। ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଗ୍ରହଣ, ଅମଳ ପରବର୍ତ୍ତୀ ସଂରକ୍ଷଣ ବୃଦ୍ଧି, ଜଳସେଚନ ସୁବିଧାରେ ଉନ୍ନତି ଏବଂ ଦୀର୍ଘକାଳୀନ ତଥା ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସୁଗମ କରିବା ପାଇଁ ୧୦୦ଟି ଜିଲ୍ଲାର ରାଜ୍ୟମାନଙ୍କ ସହ ଭାଗିଦାରୀରେ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ଘୋଷଣା କରାଯାଇଛି। ଦକ୍ଷତା, ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ମାଧ୍ୟମରେ କୃଷି କ୍ଷେତ୍ରରେ କମ୍ ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ରାଜ୍ୟଗୁଡ଼ିକ ସହ ଭାଗିଦାରୀରେ ଏକ ବ୍ୟାପକ ବହୁ-କ୍ଷେତ୍ରୀୟ 'ଗ୍ରାମୀଣ ସମୃଦ୍ଧି ଏବଂ ନମନୀୟତା' କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହାର ଲକ୍ଷ୍ୟ ହେଉଛି ଗ୍ରାମାଂଚଳରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବା, ଯେଉଁଥିରେ ଗ୍ରାମାଂଚଳର ମହିଳା, ଯୁବ କୃଷକ, ଗ୍ରାମାଂଚଳର ଯୁବକ, ନାମମାତ୍ର ଏବଂ କ୍ଷୁଦ୍ର ଚାଷୀ ଏବଂ ଭୂମିହୀନ ପରିବାର ଉପରେ ଧ୍ୟାନ ଦେବା।



କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ ସରକାର ହରଡ଼, ବିରି ଏବଂ ମସୁର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ୬ ବର୍ଷର 'ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ଅଭିଯାନ' ଆରମ୍ଭ କରିବେ। କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ (ନାଫେଡ୍ ଏବଂ ଏନ୍.ସି.ସି.ଏଫ୍.) ଆଗାମୀ ୪ ବର୍ଷ ମଧ୍ୟରେ କୃଷକମାନଙ୍କଠାରୁ ଯେତିକି ଯୋଗାଇ ଦିଆଯିବ, ସେତିକି ପରିମାଣରେ ଏହି ୩ଟି ଡାଲି କିଣିବାକୁ ପ୍ରସ୍ତୁତ ରହିବେ। ବଜେଟରେ ପନିପରିବା ଏବଂ ଫଳ ପାଇଁ ବ୍ୟାପକ କାର୍ଯ୍ୟକ୍ରମ, ଅଧିକ ଉତ୍ପାଦନକ୍ଷମ ବିହନ ଉପରେ ଜାତୀୟ ମିଶନ ଏବଂ କପା ଉତ୍ପାଦନ ପାଇଁ ଏକ ପାଂଚ ବର୍ଷର ମିଶନ ସହିତ କୃଷି ଓ ଆନୁସଙ୍ଗିକ କାର୍ଯ୍ୟକଳାପକୁ ପ୍ରମୁଖ ଉପାୟରେ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇଛି।

ସଂଶୋଧିତ ସୁଧ ରିହାତି ଯୋଜନା ଅଧୀନରେ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ନିଆଯାଇଥିବା ଋଣ ପାଇଁ ଋଣ ସୀମାକୁ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଶ୍ରୀମତୀ ସୀତାରମଣ ଘୋଷଣା କରିଥିଲେ।

ଅର୍ଥମନ୍ତ୍ରୀ ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ବିକାଶର ଦ୍ୱିତୀୟ ଶକ୍ତି ଇଞ୍ଜିନ ଭାବେ ବର୍ଣ୍ଣନା କରିଥିଲେ, କାରଣ ଏହା ଆମ ରପ୍ତାନୀର ୪୫ ପ୍ରତିଶତ ଅଟେ। ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ଉଚ୍ଚ ଦକ୍ଷତା, ବୈଷୟିକ ଉନ୍ନତିକରଣ ଏବଂ ପୁଞ୍ଜିର ଉନ୍ନତ ଉପଲବ୍ଧତା ହାସଲ କରିବାରେ ସହାୟତା କରିବା ପାଇଁ, ସମସ୍ତ ଏମ୍.ଏସ୍.ଏମ୍.ଇ. ଗୁଡ଼ିକର ବର୍ଗୀକରଣ ପାଇଁ ନିବେଶ ଏବଂ କାରବାର ସୀମାକୁ ଯଥାକ୍ରମେ ୨.୫ ଏବଂ ୨ ଗୁଣକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ, ଗ୍ୟାରେଂଟି କଭର ସହିତ ଋଣ ଉପଲବ୍ଧତା ବୃଦ୍ଧି ପାଇଁ ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଛି।

ଅର୍ଥମନ୍ତ୍ରୀ ୫ ଲକ୍ଷ ମହିଳା, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ପ୍ରଥମ ଥର ଉଦ୍ୟୋଗୀଙ୍କ ପାଇଁ ଏକ ନୂତନ ଯୋଜନା ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରିଥିଲେ। ଏହାଦ୍ୱାରା ଆଗାମୀ ୫ ବର୍ଷ ମଧ୍ୟରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ମିଆଦି ଋଣ ଉପଲବ୍ଧ ହେବ। ଶ୍ରୀମତୀ ସୀତାରମଣ ଘୋଷଣା କରିଥିଲେ ଯେ 'ମେଡ୍ ଇନ୍ ଇଣ୍ଡିଆ' ବ୍ରାଣ୍ଡର ପ୍ରତିନିଧିତ୍ୱ କରୁଥିବା ଖେଳଣା ନିର୍ମାଣରେ ଭାରତକୁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଏକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର 'ମେକ୍ ଇନ୍ ଇଣ୍ଡିଆ' କୁ ଆଗକୁ ବଢ଼ାଇବା ପାଇଁ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପକୁ ଅନ୍ତର୍ଭୁକ୍ତ କରି ଏକ ଜାତୀୟ ଉତ୍ପାଦନ ମିଶନ ପ୍ରତିଷ୍ଠା କରିବେ।

ଅଭିବୃଦ୍ଧିର ତୃତୀୟ ଇଞ୍ଜିନ ଭାବେ ନିବେଶକୁ ପରିଭାଷିତ କରି କେନ୍ଦ୍ର ମନ୍ତ୍ରୀ ଜନସାଧାରଣ, ଅର୍ଥବ୍ୟବସ୍ଥା ଏବଂ ନବସୃଜନ କ୍ଷେତ୍ରରେ ନିବେଶକୁ ପ୍ରାଥମିକତା ଦେଇଥିଲେ।

ଲୋକମାନଙ୍କ ମଧ୍ୟରେ ପୁଞ୍ଜି ନିବେଶ ଅଧୀନରେ ସେ ଘୋଷଣା କରିଥିଲେ ଯେ ଆଗାମୀ ୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବ। ଶ୍ରୀମତୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ ଯେ ଭାରତନେଟ ପ୍ରକଳ୍ପ ଅଧୀନରେ ଗ୍ରାମାଂଚଳର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ବ୍ରଡବ୍ୟାଣ୍ଡ ସଂଯୋଗ ପ୍ରଦାନ କରାଯିବ। ସେ କହିଥିଲେ ଯେ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ପାଇଁ ଡିଜିଟାଲ ରୂପରେ ଭାରତୀୟ ଭାଷା ପୁସ୍ତକ ଉପଲବ୍ଧ କରାଇବା ପାଇଁ ଭାରତୀୟ ଭାଷା ପୁସ୍ତକ ଯୋଜନା କାର୍ଯ୍ୟକାରୀ କରାଯିବ। 'ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ' ଉତ୍ପାଦନ ପାଇଁ ଆବଶ୍ୟକ କୌଶଳ ସହିତ ଆମର ଯୁବପିଢ଼ିକୁ ସଶକ୍ତ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ଭାଗିଦାରୀ ସହିତ ଦକ୍ଷତା ପାଇଁ ପାଂଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ।

- ୫୦ ଲକ୍ଷ କୋଟି ଟପିଲା ବଜେଟ
- ୧୨ ଲକ୍ଷ ବାର୍ଷିକ ଆୟ ଯାଏଁ ଟ୍ୟାକ୍ସ ଛାଡ୍
- ବରିଷ୍ଠ ନାଗରିକଙ୍କ ପାଇଁ ଟିଡିଏସ ୧ ଲକ୍ଷକୁ ବୃଦ୍ଧି
- ୪ ମାସର ଇନକମ୍ ଟ୍ୟାକ୍ସ ଏକାବେଳକେ ଭରିପାରିବେ
- ବିହାରରେ ହେବ ମଖାନା ବୋର୍ଡ
- ୧୦୦ ନୂଆ ଅମୃତ ଭାରତ ଟ୍ରେନ ନିର୍ମାଣ
- ପରମାଣୁ କ୍ଷେତ୍ର ପାଇଁ ୨୦ ହଜାର କୋଟ
- ଆସନ୍ତା ସପ୍ତାହରୁ ନୂଆ ଟ୍ୟାକ୍ସ ସ୍ଲାବ ଲାଗୁ
- ୫୦ ପର୍ଯ୍ୟଟନ ସ୍ଥଳର ବିକାଶ ହେବ
- ପ୍ରତି ଜିଲ୍ଲାରେ ହେବ କ୍ୟାନ୍ସର ହସ୍ପିଟାଲ

# ୮ ଆନ୍ତଃରାଜ୍ୟ ଡକାୟତ ଗିରଫ

**ଭୁବନେଶ୍ୱର,୧।୨ (ମହାଭାରତ):** କଳାହାଣ୍ଡି ଜିଲ୍ଲା ପୁଲିସ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଧର୍ମଗଡ଼ ଥାନା ପୁଲିସ ଏକ ବଡ଼ ଧରଣର ଡକାୟତି ଘଟଣାରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ନଗଦ ୩ କୋଟି ୫୧ ଲକ୍ଷ ଟଙ୍କା, ବନ୍ଧୁକ, ଗୁଳି, ଅପରାଧରେ ବ୍ୟବହୃତ ଗାଡ଼ି ଏବଂ ମାରଣାସ୍ତ୍ର ଆଦି ଜବତ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲାର ତାହିର ଅନସାରୀ, ହୁସେନ୍ ଖାନ୍, ଜୈସମ ଖାନ୍, ସାମିମ୍ ଅନସାରୀ, ବାସୁଦେବ ଗୋପେ, ପିଣ୍ଟୁ ଆଲିମ୍ଅ ଏବଂ ନୁଜ କୁମାର।



ଗତ ୩୦ ତାରିଖରେ ଧର୍ମଗଡ଼ ଠାରେ ଥିବା ଏକ ଦେଶୀ ମଦ ଭାଟିରେ ଏହି ଡକାୟତ ସଂଘଟିତ ହୋଇଥିଲା। ବିଳମ୍ବିତ ରାତିରେ ପ୍ରାୟ ୮ ଜଣ ଡକାୟତ ମାରଣାସ୍ତ୍ର ଧରି ଡକାୟତି କରିବା ଉଦ୍ଦେଶ୍ୟରେ ଏହି ଭାଟିରେ ପଶିଥିଲେ। ସେଠାରେ ବନ୍ଧୁକ ଏବଂ ମାରଣାସ୍ତ୍ର ଦେଖାଇ ଧମକ ଦେଇ ଟଙ୍କା ଲୁଟି ନେଇଥିଲେ। ଏନେଇ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଡକାୟତଙ୍କୁ ଧରିବାକୁ କଳାହାଣ୍ଡି ଏସପି ଅଭିଲାଷ ଜିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଥିଲା। ଡକାୟତି କରିବା ପରେ ଅଭିଯୁକ୍ତମାନେ ଜେଏଚ୍୧୦ଏପି୪୮୧୭ ନମ୍ବର ବିଶିଷ୍ଟ ବୋଲେରୋ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନୁସନ୍ଧାନ ସମୟରେ ଅପରାଧରେ ବ୍ୟବହୃତ ଗାଡ଼ିକୁ ଝାଡ଼ଖଣ୍ଡରେ ଚିହ୍ନଟ କରାଯାଇ ଠାବ କରାଯାଇଥିଲା।

ପୁଲିସ ତଦନ୍ତ ବେଳେ ଧର୍ମଗଡ଼ ଥାନା ଅଧିକାରୀ ଦାମୋଦର ବିହାରୀ ଓ ସବ ଇନ୍ସପେକ୍ଟର ସନ୍ତୋଷ ସେଠୀଙ୍କ ନେତୃତ୍ୱରେ ଧର୍ମଗଡ଼ ପୁଲିସ ଟିମ ଦୁଇ ଅଭିଯୁକ୍ତ ସିରାଜ ଅନସାରୀ ଏବଂ କାମେଶ୍ୱର ଯାଦବକୁ ଗୋଡେଇ ଗୋଡେଇ ନିଜ ଜୀବନକୁ ବାଜି ଲଗାଇ ସଂଗେ ସଙ୍ଗେ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଝାଡ଼ଖଣ୍ଡ ଅଭିମୁଖେ ଫେରାର ହୋଇଥିବା ସମ୍ପର୍କରେ ପୁଲିସ ସୂଚନା ପାଇଥିଲା। ବର୍ତ୍ତମାନ ସୁଦ୍ଧା ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ମିଳିଛି।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ। ପୁଲିସର ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ଏବଂ ସଫଳତା ନିମନ୍ତେ କଳାହାଣ୍ଡି ଏସପି ଏବଂ ତାଙ୍କ ଟିମକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଲାଞ୍ଚ ନେଇ ବନ୍ଧା ହେଲେ ଏସ୍ଆଇ

**ଯାଜପୁର,୧।୨ (ମହାଭାରତ):** ଯାଜପୁର ଜିଲା ସୁକିନ୍ଦା ଥାନାରେ କାର୍ଯ୍ୟରତ ପୋଲିସ ଏସ୍ଆଇ ଅଭୟ ନାୟକଙ୍କୁ ଶନିବାର ଭିଜିଲାନ୍ସ ଉଠାଇନେଇଛି। ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଏସ୍ଆଇଙ୍କୁ କାବୁ କରି ନେଇଥିଲା। ସ୍ୱାମୀ ସ୍ତ୍ରୀ ବିବାଦର ସମାଧାନ କରିବାକୁ କହି ପୋଲିସ ଏସ୍ଆଇ ଅଭୟ ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀ ଜଣକ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସର ଏକ ଟିମ୍ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ମୁତାବକ, ନୀଳାଚଳ ଇସ୍ପାତ କାରଖାନା ଆଗରେ ଏସ୍ଆଇ ଅଭୟ ୪ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ଭିଜିଲାନ୍ସ ଅଧିକାରୀମାନେ ଲାଞ୍ଚଟଙ୍କା ଜବତ କରିବା ସହ ପୋଲିସ ଏସ୍ଆଇଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଅଧିକ ପଚରାଉଚରା କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

# ଏନ୍କାଉଣ୍ଟରରେ ୮ ନକ୍ସଲ ମୃତ



**ମାଲକାନଗିରି,୧।୨ (ମହାଭାରତ):** ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଓଡ଼ିଶା-ଛତିଶଗଡ଼ର ସୀମାରେ ସୁରକ୍ଷା ବାହିନୀ ଏକ ବଡ଼ଧରଣର ଅପରେସନ୍କୁ ସଫଳତାର ରୂପ ଦେଇଛନ୍ତି। ଗୁଳି କରି ୮ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ତୋଡ଼କା ଜଙ୍ଗଲରେ ନକ୍ସଲ ବିରୋଧରେ ଏହି ଏନ୍କାଉଣ୍ଟର ହୋଇଛି। ଛତିଶଗଡ଼ର ବିଜାପୁର ଜିଲ୍ଲାର ତୋଡ଼କା ଜଙ୍ଗଲରେ ନକ୍ସଲ ଗତିବିଧି ନେଇ ସୁରକ୍ଷା ବାହିନୀକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ଆଧାରରେ ଏସ୍ଟିଏଫ୍, ଡିଆରଜି ଓ ସିଆରପିଏଫ୍ ଯବାନମାନେ ମିଳିତ ଅପରେସନ୍ କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ୮ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୁରକ୍ଷା ବାହିନୀର ସର୍ଚ୍ଚଅପରେସନ୍ ଜାରି ରହିଛି। ସୂଚନାଯୋଗ୍ୟ, ଦୁଇ ଦିନ ପୂର୍ବରୁ ଝାଡ଼ଖଣ୍ଡରେ ଏକ ନକ୍ସଲ ଏନ୍କାଉଣ୍ଟର ହୋଇଥିଲା। ଝାଡ଼ଖଣ୍ଡ ପୁଲିସ ଓ କୋବ୍ରା ୨୦୯ ବାଟାଲିୟନ୍ ଗୁଳିରେ ଜଣେ ନକ୍ସଲ ନିପାତ ହୋଇଥିଲା। ଘଟଣାସ୍ଥଳରୁ ଜଣେ ନକ୍ସଲର ମୃତଦେହ ମିଳିଥିଲା। ସେହିପରି ଇନ୍ସାସ୍ ରାଇଫଲ ଜବତ ହୋଇଥିଲା। ଦିନକୁ ଦିନ ନକ୍ସଲ ଦୁର୍ଗ ଭୁଶୁଡ଼ିବାରେ ଲାଗିଛି। ନକ୍ସଲମାନେ ଆଉ ପୂର୍ବ ଭଳିସ୍ଥିତିରେ ନାହାନ୍ତି। ବଡ଼ବଡ଼ କ୍ୟାଡରର ମାଓବାଦୀମାନେ ନିପାତ ହୋଇସାରିଛନ୍ତି। ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ୧୦ ଜଣ ଏବଂ ନାରାୟଣପୁର ଜିଲ୍ଲାରେ ୩ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଲଗାତାର ପୁଲିସର ଚଢ଼ାଉରେ ନକ୍ସଲ ଏବେ ଭୟଭିତ ହୋଇ ସଂଗଠନ ଛାଡି ଆରମ୍ଭ କଲେଣି। ଯାହାଫଳରେ ନକ୍ସଲ ଆତ୍ମସମର୍ପଣ ଛଡା ଅନ୍ୟ ବାଟ ନାହିଁ। ଏହି କ୍ରମରେ ଆନ୍ଧ୍ର ଓଡିଶା ବଡର କମିଟିର ୨ ଲକ୍ଷ ପୁରସ୍କାର ଘୋଷିତ ନକ୍ସଲ ଓ ୧ ଲକ୍ଷ ଲେଖାଏଁ ଘୋଷିତ ୪ ମାଓବାଦୀଙ୍କ ସମେତ ମୋଟ ୧୦ ଜଣ ନକ୍ସଲ ବିଜାପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।

# ରେରା ଆଇନ ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରି, ଖର୍ଦ୍ଦିକୁ ଅନୁମତି

**ଭୁବନେଶ୍ୱର,୧।୨ (ମହାଭାରତ):** ଓଡିଶା ଆପାର୍ଟମେଂଟ ମାଲିକାନା ଓ ପରିଚାଳନା ଅଧିନିୟମ ସଂପର୍କରେ ସ୍ପଷ୍ଟୀକରଣ। ଏଣିକି ରେରା ପୂର୍ବରୁ ଆପାର୍ଟମେଂଟ ଘରକୁ କିଣା ବିକା ଅନୁମତି। ଏ ନେଇ ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

ଆଜି ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି ଯେ ୨୦୧୭ ମସିହା ଫେବୃୟାରୀ ମାସ ୨୫ ତାରିଖ ପୂର୍ବରୁ ଯେଉଁ ସବୁ ଆପାର୍ଟମେଂଟ ନିର୍ମାଣ ହୋଇଛି ସେହି ସବୁ ଆପାର୍ଟମେଂଟ ଗୁଡିକ ବର୍ତମାନ କ୍ରୟ ବିକ୍ରୟ ପାଇଁ କୌଣସି ପ୍ରତି ବନ୍ଧକ ନାହିଁ। ଗତ ୨୦୨୩ ମସିହା ଜୁନ ମାସରୁ କାର୍ଯ୍ୟକାରୀ ହେଉଥିବା ଓଡିଶା ଆପାର୍ଟମେଂଟ ମାଲିକାନା ଓ ପରିଚାଳନା ଅଧିନିୟମ ସଂପର୍କରେ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି। ଏ ନେଇ ବିଭାଗ ତରଫରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଯାଇ ସମସ୍ତ ପଞ୍ଜିକରଣ ଅଧିକରୀ (ରେଜିଷ୍ଟାର ) ମାନଙ୍କୁ ଜଣାଇଦେବାକୁ କୁହାଯାଇଛି । ଏ ନେଇ ଗୃହ ଓ ନଗରଉନ୍ନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ଦ୍ୱାରା ଦାଖଲ ଅପିଲ ଗୁଡିକୁ ଯଥାଶୀଘ୍ର ଫଏସଲା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ବିଡିଏ ଏବଂ ବିଏମସି ଓଡିଶା ଡେଭଲେପମେଂଟ ଅଥରିଟି ୧୯୮୨ ଲାଗୁ ଓ କାର୍ଯ୍ୟକାରିତା ନିମନ୍ତେ ବିଭିନ୍ନ ସମୟରେ ଜାରି କରିଥିବା ଆଦେଶନାମା ବିରୁଦ୍ଧରେ ଜନସାଧାରଣ ଦାଏର କରିଥିବା ଅପିଲ ଗୁଡିକ ଦୀର୍ଘଦିନ ଧରି ପଡିରହି ଥିବାରୁ ଅସନ୍ତୋଷ ଦେଖା ଦେଇଛି ।

# ଗବେଷଣା ଭିତ୍ତିକ ଇକୋସିଷ୍ଟମ ସୃଷ୍ଟି କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧।୨ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ସଚିବ ସ୍ତରୀୟ ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଗତ ଡିସେମ୍ବର ମାସରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକର ନିଷ୍ପତ୍ତି ମୁତାବକ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସଂପର୍କରେ ସମୀକ୍ଷା କରାଯାଇଥିଲା। ସେହିପରି ଗତ ଡିସେମ୍ବର ମାସରେ ଅନୁଷ୍ଠିତ ୪ର୍ଥ ମୁଖ୍ୟ ଶାସନ ସଚିବ ସ୍ତରୀୟ ଜାତୀୟ ସମ୍ମିଳନୀରେ ଆୟୋଜିତ ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।



ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରାଯାଇଥିବା ମୁଖ୍ୟ ଶାସନସଚିବ ଅବଗତ କରିବା ସହିତ ଏହାର ଆୟୋଜନରେ ସହଯୋଗ କରିଥିବା ସମସ୍ତ ବିଭାଗ ତଥା ସହଯୋଗୀ ଅନୁଷ୍ଠାନ ମାନଙ୍କୁ ସେ ଧନ୍ୟବାଦ ଦେଇଥିଲେ।

ଶାସନ ପ୍ରକ୍ରିୟାରେ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ କାର୍ଯ୍ୟ ସଂପାଦନ ବେଳେ କୃତ୍ରିମ ବୁଦ୍ଧିମତା (ଏଆଇ) ର ଆବଶ୍ୟକତା ଓ ପ୍ରୟୋଗ ବୃଦ୍ଧି ପାଇଥିବାରୁ ଏ ସଂପର୍କରେ ଏକ ଗବେଷଣା ଭିତ୍ତିକ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ପ୍ରସ୍ତୁତି କରିବାକୁ ଇଲୋକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗକୁ ପରାମର୍ଶ ଦିଆଯାଇଛି। ଆଗାମୀ ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି, ରଥଯାତ୍ରା ୨୦୨୫ ପାଇଁ ପ୍ରସ୍ତୁତି ସଂପର୍କରେ ଆସନ୍ତା ମାର୍ଚ୍ଚ ମାସରେ ବୈଠକ କରାଯିବା, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଚିଠା ଭିଜନ ଡକ୍ୟୁମେଣ୍ଟପ୍ରସ୍ତାବ ଉପସ୍ଥାପନା ସଂପର୍କରେ ଆଲୋଚନା କରାଯାଇଥିଲା।

ଟିପିସିଓଡିଏଲ ତରଫରୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଶେଷ ପଏଣ୍ଟ ପର୍ଯ୍ୟନ୍ତ ଟ୍ରାନ୍ସଫରମରର କାର୍ଯ୍ୟ ଯାଞ୍ଚଓ ତଦାରଖ ପାଇଁ ଏକ କେନ୍ଦ୍ରୀୟ ବ୍ୟବସ୍ଥା ବିକଶିତ କରାଯାଇଛି। ଏହି ବ୍ୟବସ୍ଥା ମଧ୍ୟପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଜଳସଂପଦ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ଏବଂ ଉଠାଜଳସେଚନ ପଏଣ୍ଟକ୍ଷେତ୍ରରେ ଲାଗୁ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଗତ ବିଜ୍ଞପ୍ତି ଅନୁସାରେ ରହିଥିବା ସେବାଗୁଡିକ ଜନସାଧାରଣଙ୍କୁ ଯେପରି ଅନ୍ ଲାଇନ୍ ମୋଡରେ ନିର୍ଦ୍ଧାରିତ ସମୟ ଭିତରେ ମିଳି ପାରିବ, ସେଥିପ୍ରତି ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ସମୀକ୍ଷା କରି ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଆଗାମୀ ୧୫ ତାରିଖ ସୁଦ୍ଧା ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନର ସ୍ଥିତି ସଂପର୍କରେ ପୂର୍ଣ୍ଣ ବିବରଣୀ ଜଣାଇବାକୁ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭସ (ସିଏମଜିଆଇ) ତରଫରୁ ସଚିବ ସ୍ତରୀୟ ବୈଠକରେ ହେଉଥିବା ନିଷ୍ପତ୍ତିକାର୍ଯ୍ୟକାରିତା ସଂପର୍କରେ ଅନୁଧ୍ୟାନ ତଥା ତଦାରଖ ପାଇଁ ଏକ ପୋର୍ଟାଲମିଟିଂ ଡିସିସନ ମନିଟରିଂ ସିଷ୍ଟମ (ଏମଡିଏମଏସ) ବ୍ୟବହାର ସଂପର୍କରେ ଏକ ପ୍ରଦର୍ଶନ କରାଯାଇଥିଲା, ଯଦ୍ୱାରା କି ସଚିବ ମାନେ ଏହାକୁ ବ୍ୟବହାର କରି ନିଜ ନିଜ ବିଭାଗ ସମ୍ପର୍କିତ କାର୍ଯ୍ୟାନୁଷ୍ଠାନ ନେବାରେ ସହଜ ହୋଇପାରିବ। ଏଥି ସହିତ କୃଷିଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ନିମନ୍ତେ ଆବଶ୍ୟକ ସଂସ୍କାର ପାଇଁ ସମବାୟ ବିଭାଗକୁ ଏଥିରେ ରହିଥିବା ବ୍ୟବସ୍ଥାର ତର୍ଜମା କରି ଆବଶ୍ୟକ ପ୍ରସ୍ତାବ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।



# ଜୀବନଚର୍ଯ୍ୟା





## ବେସନ ଲଡୁ



**ସାମଗ୍ରୀ:**

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

**ପ୍ରଣାଳୀ:**

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

**ଖବର**

## ’ମେରେ ହଜବେଣ୍ଡ୍ କି ବିବି’ର ଟ୍ରେଲର



ଅର୍ଜୁନ କପୁର, ଭୂମି ପେଡନେକର ଏବଂ ରାକୁଲ ପ୍ରୀତ ସିଂ ଖୁବ୍ ଶୀଘ୍ର ରୋମାଣ୍ଟିକ୍ କମେଡି ଫିଲ୍ମ ’ମେରେ ହଜ୍ବେଣ୍ଡ୍ କି ବିବି’ରେ ନଜର ଆସିବେ। ନିର୍ମାତା ଶନିବାର ଟ୍ରେଲର ରିଲିଜ୍ କରି ଦର୍ଶକଙ୍କୁ ଫିଲ୍ମର ଏକ ବିଶେଷ ଝଲକ ଦେଇଛନ୍ତି ।ନିକଟରେ ଅର୍ଜୁନ କପୁର ’ସିଙ୍ଘମ୍ ଏଗେନ’ ସହିତ ପ୍ରତ୍ୟାବର୍ତ୍ତନ କରିଥିଲେ। ଏବେ ତାଙ୍କ ପ୍ରଶଂସକମାନେ ତାଙ୍କୁ ଏକ କମେଡି ଫିଲ୍ମରେ ଦେଖିବାକୁ ବେଶ୍ ଉତ୍ସାହିତ ଅଛନ୍ତି। ଫିଲ୍ମର ଟ୍ରେଲର ଅନୁଯାୟୀ, ଫିଲ୍ମର କାହାଣୀ ’ଲଭ୍ ଟ୍ରାଙ୍ଗେଲ୍ ବଦଳରେ ଏକ ଲଭ୍ ସର୍କଲ ପାଲଟିଛ। ଅର୍ଜୁନ କପୁର ଭୂମି ପେଡନେକର ଏବଂ ରାକୁଲ ପ୍ରୀତ ସିଂଙ୍କ ମଧ୍ୟରେ ଫଶି ରହିଛନ୍ତି। ଫିଲ୍ମଟି ହସ ଏବଂ ଥଟ୍ଟା ମଧ୍ୟରେ ଭରପୂର ରହିଛି। ଏହି ଚଳଚ୍ଚିତ୍ରରେ ହର୍ଷ ଗୁଜରାଲ ଏବଂ ଶକ୍ତି କପୁର ମଧ ଅଭିନୟ କରିଛନ୍ତି ।ନିକଟରେ ଫିଲ୍ମର ପୋଷ୍ଟର ସେୟାର କରାଯାଇଥିଲା। ଅର୍ଜୁନ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟର ସେୟାର କରି ଲେଖିଛନ୍ତି, ’ଟାଣ ... ଆହୁରି ଟାଣ ।ଏହା ହସଭରା ଦଣ୍ଡ ଅଟେ ... ବିବାଦ ହେଉ କିମ୍ବା ସଂଘର୍ଷ ହେଉ, ୨୧ ଫେବୃଆରୀ ୨୦୨୫ରେ ପ୍ରେକ୍ଷାଳୟରେ ମୋ ଭଳି ଜଣେ ସାଧାରଣ ବ୍ୟକ୍ତିଙ୍କୁ ’ମେରେ ହଜ୍ବେଣ୍ଡ୍ କି ବିବି’ରେ ଦେଖିବାକୁ ମିଳିବ ।ଭୂମି ପେଡେନକର ଏବଂ ରାକୁଲ ପ୍ରୀତ ସିଂ ମଧ ପୋଷ୍ଟର ସେୟାର କରିଛନ୍ତ ।ଅର୍ଜୁନ, ଭୂମି ଏବଂ ରାକୁଲଙ୍କ ଫିଲ୍ମ ଫେବୃଆରୀ ୨୧ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ପରବର୍ତ୍ତୀ ସମୟରେ ରାକୁଲ ପ୍ରୀତ ସିଂଙ୍କୁ ’ଦେ ଦେ ପ୍ୟାର ଦେ-୨’ରେ ଦେଖିବାକୁ ମିଳିବ। ଭୂମି ପରବର୍ତ୍ତୀ ସମୟରେ ’ଦଲଦଲ’ରେ ନଜର ଆସିବେ। ଯେଉଁଥିରେ ସେ ଜଣେ ପୁଲିସ ଭୂମିକାରେ ଅଭିନୟ କରୁଛନ୍ତି। ଏହି ୱେବ୍ ସିରିଜ୍ ଆସନ୍ତା ବର୍ଷ ଆମାଜନ ପ୍ରାଇମ୍ ଭିଡିଓରେ ଆସିବ।




## ଫ୍ରିଜରେ ରଖନ୍ତୁ ନାହିଁ ଏହି ଜିନିଷ

ଆମେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ ଦ୍ରବ୍ୟକୁ ଫ୍ରିଜରେ ସୁରକ୍ଷିତ ଭାବେ ରଖାଯାଇପାରିବେ,କିନ୍ତୁ ଏହାର ମାନେ ନୁହେଁ ଯେ ସମସ୍ତ ଦ୍ରବ୍ୟକୁ ଫ୍ରିଜରେ ରଖାଯିବ। ବେଳେବେଳେ ଆମକୁ ସୁହାଉଥିବା ଭଳି ଅଭ୍ୟାସ ମଧ୍ୟ ଆମ ଅଜଣାତରେ ନୂଆ ସମସ୍ୟା ସୃଷ୍ଟି କରିଥାଏ । କେଉଁ ଦ୍ରବ୍ୟକୁ ଫ୍ରିଜରେ ରଖାଗଲେ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ସେ ସଂପର୍କରେ ଆସନ୍ତୁ ଜାଣିନେବା ।

ଅଧିକାଂଶ ଲୋକ ଫ୍ରିଜରେ ଟମାଟୋ ରଖନ୍ତି । ଟମାଟୋ ଏକ ପରିବା ନୁହେଁ ଏହା ଏକ ଫଳ । ଏହା ଅଧିକ ଗରମ ଏବଂ ପାଣି ଲୋଡ଼ିଥାଏ। ପାଗ ଥଣ୍ଡା ହେଲେ ଏହା ସମ୍ଭାଳି ପାରିନଥାଏ । ଶୀଘ୍ର ପଚିଯାଏ । ଭିନେଗାର ଓ ସୋୟା ସସକୁ ଫ୍ରିଜରେ ରଖନ୍ତୁ ନାହିଁ। ଏହାକୁ ସୁରକ୍ଷିତ ପାଇଁ ଫ୍ରିଜର ଆବଶ୍ୟକତା ନଥାଏ । କେତେକ ଗୃହିଣୀ କାଟିଲା ବେଳେ ଆଖିରୁ ଲୁହ ବାହାରିବନି ବୋଲି ଜାଣି ପିଆଜକୁ ଫ୍ରିଜରେ ରଖନ୍ତି । ପିଆଜ ଫ୍ରିଜରେ ରହିଲେ ଶୀଘ୍ର ପଚିବାର ସମ୍ଭାବନା ରହିଛି । ପିଆଜ ରହୁଥିବା ଫ୍ରିଜରୁ ଦୁର୍ଗନ୍ଧ ହୁଏ । କାକୁଡ଼ିକୁ ଫ୍ରିଜରେ ରଖିଲେ ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ନଷ୍ଟ ହୋଇଥାଏ । ମହୁକୁ ଫ୍ରିଜରେ ରହିଲେ ଏହା ଦାନା ବାନ୍ଧି ଯାଏ । ସ୍ୱାଦ ବଦଳିଯାଏ ।ରଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆଳୁକୁ ଫ୍ରିଜରେ ରଖିଲେ ଏହାର ସ୍ୱାଦ ମିଠା ହୋଇଥାଏ ଏବଂ ପଚିଯାଏ । ଏହା ପାଖରେ ଥିବା ଅନ୍ୟ ଫଳ ଓ ପରିବାକୁ ନଷ୍ଟ କରିଦିଏ । କଫିକୁ କେବେ ବି ଫ୍ରିଜରେ ରଖନ୍ତୁ ନାହିଁ। ସ୍ୱାଦ ଓ ସୁଗନ୍ଧ ବଦଳିଯିବ ।



## ଆଲୋକକନ୍ୟା ରୂପରେ ଆଦିମାତାଙ୍କ ଦର୍ଶନ

ମାତା ଦୁର୍ଗା ଦୁର୍ଗତୀନାଶିନୀ । ଦୁଷ୍ଟମାନଙ୍କୁ ସଂହାର କରିବା ପାଇଁ ସେ ଉଗ୍ର ରୂପ ଧାରଣ କରିଥାନ୍ତି । ମାତ୍ର ମାତାଙ୍କ ହୃଦୟରେ ଭରି ରହିଛି ଅପାର କରୁଣା । ସେ ଜଗଜ୍ଜନନୀ । ଏ ସଂସାରରେ ସମସ୍ତେ ମାତାଙ୍କ ସନ୍ତାନ । କରୁଣାମୟୀ ମାତା କେବଳ ଦୁଷ୍ଟଙ୍କ ସଂହାର କରିବା ଲାଗି ଉଗ୍ର ରୂପ ଧାରଣ କରିଥାନ୍ତି । ହେଲେ ଯେତେବେଳେ ସୃଷ୍ଟି ବିନାଶ ପଥରେ ଅଗ୍ରସର ହୋଇଥାଏ, ସେତେବେଳେ ମାତା ରକ୍ଷାକର୍ତ୍ତୀ ରୂପରେ ଆବିର୍ଭାବ ହୋଇଥାନ୍ତି । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ମହେଶ୍ୱର ଶିବ ଅତ୍ୟାଚାରୀ ରାକ୍ଷସ ଭ୍ରାତା ତ୍ରିପୁରାସୁରମାନଙ୍କୁ ବଧ କରିଥିଲେ । ଏହାପରେ ଶିବ ତିନି ଭାଇଙ୍କ ଶବ ଉପରେ ଉଗ୍ର ତାଣ୍ଡବ କରିଥିଲେ । ଚାରିଆଡ଼େ ଉତ୍ପାତ ଖେଳିଗଲା । ସୃଷ୍ଟି ପ୍ରଳୟ



ହେବାର ଆଶଙ୍କା ସୃଷ୍ଟି ହେଲା । ଦେବଗଣ ମଧ ଚିନ୍ତିତ ହୋଇପଡ଼ିଲେ । ଏପରି ଏକ ସମୟରେ ମହାଦେବଙ୍କ କ୍ରୋଧ କିଏ ଶାନ୍ତ କରିବ ? ଏପରି ଭାବନା ନେଇ ଦେବଗଣ ମାତା ଶକ୍ତିଙ୍କୁ ପ୍ରାର୍ଥନା କଲେ । ସେମାନଙ୍କ ପ୍ରାର୍ଥନା ଶୁଣି ପରମସାଧ୍ୱୀ ଆଦିମାତା ତେଜ ବା ଆଲୋକର କନ୍ୟା ରୂପରେ ଦର୍ଶନ ଦେଇ ମହାଦେବଙ୍କ କୋପ ଶାନ୍ତ କରିଥିଲେ । ଏହାପରେ ମାତା ଜଗଧାତ୍ରୀ ଦକ୍ଷକନ୍ୟା ସତୀ ରୂପରେ ଆବିର୍ଭାବ ହୋଇଥିଲେ ଏବଂ ଶିବଙ୍କୁ ପତି ରୂପରେ ବରଣ କରିଥିଲେ ।

## ଆସନ୍ତୁ ଯିବା ଛତିଶଗଡ଼ କି ଗଙ୍ଗା



ବେରଗଡ଼ ବୁଲି ଗଲେ ସେଠାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଦେଖିବାକୁ ପାଇବେ। ଆଉ ସେହି ସବୁ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବରଗଡ଼ର ନୃସିଂହନାଥ ପୀଠ ଅନ୍ୟତମ।

କିପରି ଯିବେ

ବରଗଡ଼ ସହର ୬ ନଂ ଜାତୀୟ ରାଜପଥ ଦେଇ ସୋହେଲା ରାସ୍ତାରେ ଆପଣ ଯାଇପାରିବେ। ଏହାଠୁ ପ୍ରାୟ ୨୮ କି.ମି ଗଲା ପରେ ସୋହେଲା ପଡ଼ିବ। ସେହି ସ୍ଥାନରୁ ପଦ୍ମପୁର ରାସ୍ତା ଦେଇ ଗଲେ ନୃସିଂହ ନାଥଙ୍କ ପୀଠ ପଡ଼ିବ।

ତେବେ ବରଗଡରୁ ନୃସିଂହ ନାଥଙ୍କ ପୀଠକୁ ଯିବାକୁ ହେଲେ ଆପଣଙ୍କୁ ୧୧୩ କିମି ଯିବାକୁ ପଡ଼ିବ । ରାଜଧାନୀ ଭୁବନେଶ୍ୱରରୁ ୫୫ ନଂ ଜାତୀୟ ରାଜପଥ ଦେଇ ଗଲେ ଏହା ପ୍ରାୟ ୩୧୮ କି.ମି । ଆପଣ ସେଠାକୁ ଟ୍ରେନ କିମ୍ବା ଟ୍ୟାକ୍ସିରେ ଯାଇପାରିବେ।

ନୃସିଂହନାଥଙ୍କ ପୀଠ

ଜଗତର କଲ୍ୟାଣ ପାଇଁ ଭାଗବାନ ଅନେକ ରୂପରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି । କେତେବେଳେ ବାମନ ରୂପରେ ତ ଆଉ କେତେବେଳେ ବରାହ ରୂପରେ। ସେହି ମନ୍ଦିରରେ କିନ୍ତୁ ଆପଣ ଠାକୁରଙ୍କୁ ଅଲଗା ରୂପରେ ଦେଖିବାକୁ ପାଇବେ। ସେଠାରେ ନୃସିଂହନାଥଙ୍କ ଶରୀର ସିଂହ ଭଳି ଏବଂ ମୁଖମଣ୍ଡଳ ବିରାଡ଼ି ସଦୃଶ ରହିଛି ।

କାହିଁ କେଉଁ ଆଦିମ କାଳରୁ ମହାପ୍ରଭୁ ଏଠାରେ ପୂଜା ପାଇ ଆସୁଛନ୍ତି । ଐତିହାସିକ ମତରେ ପାଟଣାଗଡ଼ ରାଜା ୧୪୧୩ ଶତାବ୍ଦିର ଏହି ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ। ଆପଣ ସେଠାକୁ ଗଲେ ପୁରାତନ ନିଦର୍ଶନର ଚିତ୍ରକଳା ସାଙ୍ଗକୁ ଓଡ଼ିଆ କାରିଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ପାଇବେ।

ବିଭିନ୍ନ ଦେବାଦେବୀ ପଶୁପକ୍ଷୀ ଆଦିଙ୍କ ନିଖୁଣ ମୂର୍ତ୍ତିକୁ ଆପଣ ଏବେ ମଧ୍ୟ ସେଠାରେ ଦେଖିବାକୁ ପାଇବେ। ସେଠାକାର ଏହି ଦୃଶ୍ୟକୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

ପୀଠରେ ଦିନକୁ ଦିନ ଥର ହରିହର ପଙ୍ଗତ ହୋଇଥାଏ। ଆବାଳ ବୃଦ୍ଧ ବନୀତା ନୃସିଂହନାଥଙ୍କ ପ୍ରସାଦକୁ ବିନା ମୂଲ୍ୟରେ ସେବନ କରିବାର ନୀତି ରହିଛି। ନୃସିଂହନାଥ ପୀଠ ଆପଣ ବୁଲି ଗଲେ ସେଠାରେ ଆଉ ଏକ ମନୋରାମ ଦୃଶ୍ୟ ମଧ୍ୟ ଆପଣ ଦେଖିବାକୁ ପାଇବେ। ସେଠାରେ ଏକ ଝରଣା ମଧ୍ୟ ପ୍ରବାହିତ ହେଉଛି । ସେହି ଝରଣାକୁ ପାଗ ହାରିଣୀ ବୋଲି କୁହାଯାଏ। ଏହି ଝରଣାର ଜଳ ଗଙ୍ଗା ଭଳି ପବିତ୍ର। ଆଉ ଏହାକୁ ଛତିଶଗଡ଼ କି ଗଙ୍ଗା ବୋଲି ମଧ୍ୟ କୁହାଯାଏ।

ସେଠାରେ ଲମ୍ବା ଲମ୍ବା ଗଛ ସାଙ୍ଗକୁ ବିରାଟ କାନ୍ଥ ସଦୃଶ ପଥୁରିଆ ରାସ୍ତା ଦେଇ ଗଲେ ଭୀମଧାର ନାମକ ଜଳପ୍ରପାତକୁ ଆପଣ ଦେଖିବାକୁ ପାଇବେ। ସେହି ଛୋଟିଆ ଜଳପ୍ରପାତ ଦେଖିଲେ ତାହା ଖଣ୍ଡାଧାରର ଛୋଟିଆ ରୂପ ପରି ଆପଣଙ୍କୁ ଲାଗିବ ନିଶ୍ଚିୟ।

ଏଠାରେ ଆପଣ ଦୀର୍ଘ ୨୦ ଫୁଟ ଉପରୁ ତଳକୁ ଲମ୍ଫ ମାରୁଥିବା ଜଳରାଶି ଦେଖିବାକୁ ପାଇବେ। ସେହି ସ୍ଥାନରେ ଥରେ ପହଞ୍ଚିଲେ ଆପଣଙ୍କ ମନ କେବେବି ଆସିବାକୁ ଇଚ୍ଛା ହେବ ନାହିଁ।

## ସହଜ ଉପାୟରେ ଦୂର କରନ୍ତୁ ବେକର କଳାପଣ

ପ୍ରାୟତଃ ଯୁବତୀମାନେ ନିଜ ମୁହଁରେ ଅଧିକ ଧ୍ୟାନ ଦିଅନ୍ତି । କିନ୍ତୁ ଏହା ଚକ୍କରରେ ବେକର ସୁନ୍ଦରତା ପ୍ରତି ଧ୍ୟାନ ଦେବାକୁ ଭୁଲିଯାଆନ୍ତି । ଏପରି ବେକକୁ ଅଣଦେଖା କରିବା ଦ୍ୱାରା ବେକରେ କଳାପଣ ସମସ୍ୟା ବଢିଯାଏ। ଯୁବତୀମାନେ



ଗାଧୋଇବା ସମୟରେ ବେକରେ ସାବୁନ ଲଗାଇ ରଗଡି କରି ସଫା କରନ୍ତି । ଫଳରେ ବେକ ଲାଲ ପଡିବା ସହ ଖଣ୍ଡିଆ ମଧ୍ୟ ହୋଇଯାଏ। କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି କେବେ ଉପାୟ ବିଷୟରେ ଜଣାଇବୁ, ଯାହା ଆପଣଙ୍କ ଏପରି ସମସ୍ୟା ଦୂର କରିବ । ଆସନ୍ତୁ ଜାଣିବା କ’ଣ ସବୁ ଏହି ଉପାୟ ।

ଆଳୁ ଏବଂ ଲେମ୍ବୁ ରସ : ଚିନି ବ୍ୟତୀତ ଆଳୁ ଏବଂ ଲେମ୍ବୁ ରସ ମଧ୍ୟ ବେକର କଳାପଣ ଦୂର କରିବାରେ ବେଶ ସହାୟକ ହୋଇଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଦାଗ ଦୂର କରିଥାଏ । ପ୍ରତିଦିନ ସକାଳେ ଗାଧୋଇବା ପୂର୍ବରୁ ୧ଚାମଚ ଆଳୁ ରସ ଏବଂ ଚାମଚ ଲେମ୍ବୁ ରସ ମିଶାଇ ବେକରେ ଲଗାନ୍ତୁ । ୧୦ରୁ୧୫ ମିନିଟ୍ ରଖିବା ପରେ ଗାଧୋଇପଡନ୍ତୁ। ୧ ସପ୍ତାହ ଏହାକୁ ଲଗାଇବା ପରେ ବେକରୁ କଳାଦାାଗ ଦୂର ହୋଇଥାଏ ।

ଚିନି : ବେକ କଳାପଣ ଦୂର କରିବା ପାଇଁ ସବୁଠାରୁ ସହଜ ଉପାୟ ଚିନି ବ୍ୟବହାର କରିବା। ଏଥିପାଇଁ ବେକକୁ ଅଳ୍ପ ପାଣିରେ ଓଦା କରିଦିଅନ୍ତୁ। ଏହାପରେ ୧-୨ ଟେବୁଲସ୍ପୁନ ଚିନି ନେଇ ସ୍କ୍ରବ ଭଳି ବେକରେ ରଗଡନ୍ତୁ। ୧୦ରୁ ୧୫ ମିନିଟ ରଗଡିବା ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ ।

ଚିନି ପାଣି : ଦୁଇ ଟେବୁଲସ୍ପୁନ ଚିନିକୁ ଅଳ୍ପ ପାଣିରେର ଫୁଟାଇ ଦିଅନ୍ତୁ। ଏହାକୁ ଥଣ୍ଡା ହେବା ପରେ ମିଶ୍ରଣକୁ ନେଇ ହାଲକା ବେକରେ ମସାଜ କରନ୍ତୁ । ଅଳ୍ପ ସମୟ ପାଇଁ ଏହାକୁ ରଖିବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା ବେକ ସଫା ହେବା ସହିତ ମୁଲାୟମ, ଉଜ୍ଜ୍ୱଳ ଦେଖାଯିବ ।

# ପ୍ରେସ କ୍ଲବର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧।୨ (ମହାଭାରତ):** ମଣିଷ ଜୀବନ ଅମୁଲ୍ୟ, ଏଣୁ ଏହାର ସୁରକ୍ଷା ଆମର କର୍ତ୍ତବ୍ୟ କ୍ଷ ଜୀବନ ସୁରକ୍ଷିତ ରହିଲେ ଦେଶ ଓ ଜାତି ହସି ଉଠିବ। ମଣିଷ ଏକ ସୁସ୍ଥ, ସୁନ୍ଦର ଜୀବନ ଅତିବାହିତ କରିପାରିବ। କିନ୍ତୁ ବେଳେ, ବେଳେ ତା ଜୀବନ ର ସୁରକ୍ଷା ନଷ୍ଟ ହୋଇଯାଏ । ପୋକ ମାଛି ଭଳି ରାସ୍ତା ଉପରେ ଛଟପଟ ହୋଇ ତା ଜୀବନ ଚାଲିଯାଏ। ଭାରତ ରେ ପ୍ରତି ବର୍ଷ ହାରା ହାରି ୧.୫ ଲକ୍ଷ ଲୋକ ସଡ଼କ ଦୁର୍ଘଟଣା ରେ ପ୍ରାଣ ହରାନ୍ତି । ଗାଡି, ମୋଟର ର ବହୁଳ ବ୍ୟବହାର ଓ ଅସାବଧାନତା ଯୋଗୁଁ ମଣିଷ ଦୁର୍ଘଟଣା ର ଶିକାର ହୋଇ ମୂଲ୍ୟବାନ ଜୀବନ କୁ ହରାଇ ବସୁଛି। ନିତିଦିନିଅ। ଜୀବନ ରେ ଦିନ ହେଉ ବା ରାତି ହେଉ ଘରୁ ବାହାରିଲେ ରାସ୍ତା ରେ ଅସଂଖ୍ୟ ଗାଡି ମୋଟର ଯିବା ଆସିବା କରୁଥିବା ଦେଖି ଆମେ ନିଜେ ମଧ୍ୟ ଆବଶ୍ୟକତା ଅନୁସାରେ ଦୁଇ ଚକିଆ। ଓ ଚାରି ଚକିଆ। ଯାନର ବ୍ୟବହାର କରିଥାଉ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଗାଡି ମୋଟର ବ୍ୟବହାର ସଂଖ୍ୟା ବହୁ ମାତ୍ରା ରେ ବଢ଼ି ଯାଇଛି । ବିଭିନ୍ନ କାରଣ ଯୋଗୁଁ ସଡ଼କ ଉପରେ ଜୀବନ କୁ ସୁରକ୍ଷା କରାଯାଇ ପାରୁନାହିଁ । ଏହାର ପ୍ରମୁଖ କାରଣ ହେଲା ଅସାବଧାନତା ଓ ଖାମଖିଆଲିଆ। ମନୋଭାବ। ତେବେ ଏ ନେଇ




ଖୋର୍ଦ୍ଧା ସହର ରେ ମଧ୍ୟ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଖୋର୍ଦ୍ଧା ଜ଼ିଲ୍ଲା ପ୍ରଶାସନ ର ସୌଜନ୍ୟତା ରେ ଏବଂ ଜ଼ିଲ୍ଲା ପ୍ରେସ କ୍ଲବ ଖୋର୍ଦ୍ଧା, ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ, ଉତ୍କଳ ସାମ୍ବାଦିକ ସଙ୍ଘ, ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଙ୍ଘ ଏବଂ ସାମାଜିକ ଅନୁଷ୍ଠାନ ଜାଗୃତି ର ମିଳିତ ସହଯୋଗ ରେ ସିଗମା ପବ୍ଲିକ ସ୍କୁଲ ର ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ଏକ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ, ଖୋର୍ଦ୍ଧା ଅତିରିକ୍ତ ଜ଼ିଲ୍ଲା ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠି, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଅରବିନ୍ଦ ନାୟକ, ଜ଼ିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ,ଯାନ ବାହାନ ନିରୀକ୍ଷକ, ଦେବାଶିଷ ପାଇକରାୟ, ଟ୍ରାଫିକ ସବଇନିସପେକ୍ଟର ତୃପ୍ତି ରେଖା ଜେନା, ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ତଥା ଖୋର୍ଦ୍ଧା ପ୍ରେସ କ୍ଲବ ଉପଦେଷ୍ଟା ତପନ କୁମାର ନାୟକ,ଜ଼ିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଉତ୍କଳ ସାମ୍ବାଦିକ ସଙ୍ଘ ଜ଼ିଲ୍ଲା ସଭାପତି ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜ଼ିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ଜାଗୃତି ଅନୁଷ୍ଠାନ ର ମୁଖ୍ୟ ପ୍ରଭାତ କୁମାର ପାଣିଗ୍ରାହୀ,ଜ଼ିଲ୍ଲା ପ୍ରେସ କ୍ଲବ ଉପ ସଭାପତି ଲଳିତ ମୋହନ ମହାପାତ୍ର, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରବୀଣ ଭଞ୍ଜ ଓଡ଼ିଅ। ରଞ୍ଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଛାତ୍ର, ଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କ ରେ ସଚେତନତା କରାଇଥିଲେ। ଏହାପରେ ଏକ ଶୋଭାଯାତ୍ରା ରେ ବାହାରି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାନ ଦେଇ ସହର ପରିକ୍ରମା କରି ଟି.ଏଲ. ସି. ରାସ୍ତା ନିକଟରେ ବାଇକ ଏବଂ ଚାରି ଚକିଅ। ଯାନ ରେ ବିନା ହେଲମେଟ ଏବଂ ସିଟ ବେଲ୍ଟ ରେ ଯାତାୟାତ କରୁଥିବା ଚାଳକ ମାନଙ୍କୁ ଗୋଲାପ ଫୁଲ ଦେଇ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇବା ସହିତ, ରାସ୍ତା ର ବାମ ପାର୍ଶ୍ୱ ରେ ଚାଲିବା ଓ ଯାନ ବାହାନ ଗୁଡିକୁ ବାମ ପଟେ ରଖିବା, ଦ୍ରୁତ ଗତି ରେ ଗାଡି ନ ଚଳାଇବା, ଗାଡି ଚଳାଇବା ସମୟରେ ସର୍ବଦା ହେଲମେଟ ଓଢ଼ିଅ। ସିଟ ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ ସଂକେତ ପ୍ରତି ସତର୍କ ରହିବା, ନାଲି ଆଲୁଅ ଜଳୁଥିଲେ ଅଟକିବା ଓ ସବୁଜ ଆଲୁଅ ଜଳିଲେ ଆଗକୁ ଯିବା, କୌଣସି ସ୍ଥାନରେ ବାମ ଓ ଡାହାଣ କୁ ବୁଲିବାର ଥିଲେ ପ୍ରଥମେ ଉଭୟ ପାର୍ଶ୍ୱ କୁ ଦେଖି ଏବଂ ସେହି ଦିଗକୁ ହାତ ଦେଖେଇ ସୂଚନା ଦେଇ ବୁଲିବା, ନିଶା ସେବନ କରି ଗାଡି ଚାଳନା ରୁ ନିବୃତ୍ତ ରହିବା, ଡ୍ରାଇଭିଂ ଲାଇସେନ୍ସ ଥିବା ବ୍ୟକ୍ତି ହିଁ ଗାଡି ଚଳାଇବା , ୧୮ ବର୍ଷ ରୁ କମ ବୟସ ର ପିଲା ମାନଙ୍କୁ ଗାଡି ଚଳେଇବା ପାଇଁ ନ ଦେବା ପ୍ରଭୃତି ନିୟମ ଗୁଡିକୁ ମାନି ଚାଲିବା କୁ ପରାମର୍ଶ ଦେଇଥିଲେ।

# ବିଶିଷ୍ଟ ରେଳ ସେବା ପୁରସ୍କାର ପ୍ରଦାନ

**ଭୁବନେଶ୍ୱର,୧।୨ (ମହାଭାରତ):** ପୂର୍ବତଟ ରେଳପଥ ପକ୍ଷରୁ ଆଜି ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ବିଶିଷ୍ଟ ରେଳ ସେବା ପୁରସ୍କର ୨୦୨୪ ମହୋତ୍ସବ ପାଳନ କରି ଏହାର କର୍ମଚାରୀଙ୍କ ଅତୁଳନୀୟ ସେବା ତଥା ଉତ୍ସର୍ଗୀକୃତତାକୁ ସମ୍ମାନିତ କରିଛି । ଏହି କାର୍ଯ୍ୟକ୍ରମରେ ମୋଟ ୪୯ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇ ସ୍ୱୀକୃତି ଦିଆଯିବା ସହିତ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ ଗୁଡିକର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଅଛି।

୪୯ ରେଳ କର୍ମଚାରୀଙ୍କୁ ସ୍ୱୀକୃତି ପ୍ରଦାନ : କାର୍ଯ୍ୟ କ୍ଷେତ୍ରରେ ନିରନ୍ତର ନିଷ୍ଠା ଏବଂ ପରିଶ୍ରମର ସ୍ୱୀକୃତି ପାଇଁ ୪୯ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ବିଶିଷ୍ଟ ରେଳ ସେବା ପୁରସ୍କର -୨୦୨୪ କରାଯାଇଅଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ବିଶେଷ ପୁରସ୍କାର ରେଳପଥର ଲକ୍ଷ୍ୟ ପୂରଣ କରିବାରେ ସେମାନଙ୍କର ନିରନ୍ତର ଉଦ୍ୟମକୁ ସ୍ୱୀକାର କରିଛି ।

ସମ୍ବଲପୁର ରେଳ ମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍ଡ ପୁରସ୍କାର : ଏକ ମହତ୍ୱପୂର୍ଣ୍ଣ




ସଫଳତାରେ, ସମ୍ବଲପୁର ରେଳ ମଣ୍ଡଳକୁ ଉଚ୍ଚମାନର କାର୍ଯ୍ୟ ଏବଂ ସେବା ବଜାୟ ରଖିବାରେ ଏହାର ଆଦର୍ଶ ପ୍ରଦର୍ଶନକୁ ସ୍ୱୀକୃତି ଦିଆଯାଇ ସାମଗ୍ରିକ ଦକ୍ଷତା ସିଲ୍ଡ ଦ୍ୱାରା ସମ୍ମାନିତ କରାଯାଇଅଛି। ଶ୍ରେଷ୍ଠ କ୍ଲିନ୍ (ସଫାଇ) ଷ୍ଟେସନ୍ ସିଲ୍ଡସ୍: ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ପୁରୀ ଏବଂ ହରିଦାସପୁର ଷ୍ଟେସନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇ ପୁରୀ ଷ୍ଟେସନକୁ ବଡ଼ ଷ୍ଟେସନ୍ ସ୍ୱଚ୍ଛତା ସିଲ୍ଡ ଏବଂ ହରିଦାସପୁର ଷ୍ଟେସନକୁ ଛୋଟ ଷ୍ଟେସନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଅଛି। ଏହି ଉତ୍ସବରେ ରେଳବାଇ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳ କର୍ମଚାରୀଙ୍କୁ ସେମାନଙ୍କର ଅତୁଳନୀୟ ପ୍ରତିବଦ୍ଧତା ଏବଂ ସେମାନଙ୍କ ଦାୟିତ୍ୱ ପୂରଣ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଏବଂ କାର୍ଯ୍ୟକ୍ଷମତା ହାସଲ କରିବାରେ ନିରନ୍ତର ଉତ୍ସର୍ଗୀକୃତ ରହିବାକୁ କର୍ମଚାରୀ ମାନଙ୍କୁ ଉପଦେଶ ଦେଇଥିଲେ। ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୪ ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ର ସଭାପତି ଶ୍ରୀମତୀ କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରା, ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗ ଦେଇଥିଲେ।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭୁବନେଶ୍ୱର,୧।୨ (ମହାଭାରତ):** ସବୁ ପ୍ରେମ ଠାରୁ ବଡ଼ ପ୍ରେମ ହେଉଛି ଦେଶ ପ୍ରେମ । ସବୁ ଧର୍ମ ଠାରୁ ଶ୍ରେଷ୍ଠ ଧର୍ମ ମାନବ ଧର୍ମ । ଏଣୁ ଦେଶ ପ୍ରେମର ମହାନ୍ ଚିନ୍ତାଧାରାରେ ଯୁବକ ଯୁବତୀମାନେ ଉଦ୍‌ବୁଦ୍ଧ ହୋଇ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବା ଉଚିତ୍ । ତେବେ ଯାଇ ଆମେ ଏକ ବିକଶିତ ଭାରତ ଗଠନ କରିପାରିବା ।




ଯୁବ ବିନିମୟ କାର୍ଯ୍ୟକ୍ରମ ଦ୍ୱାରା ଭାବର ଆଦାନ ପ୍ରଦାନ ହେବା ସହିତ ଭାଇଚାରା ସୃଷ୍ଟି ହୋଇଥାଏ । ସଂସ୍କୃତି ଓ ପରମ୍ପରା ହେଉଛି ପ୍ରତ୍ୟେକ ଜାତିର ପରିଚୟ । ଏଣୁ ଏହାକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ । ଭାରତ ସରକାରଙ୍କ ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖା ଓ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ପରିସର ମଧ୍ୟରେ ୭ଦିନ ଧରି ଚାଲିଥିବା ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାଶ, ସମ୍ମାନୀତ ଅତିଥି ରୂପେ ଉପ-ଶାସନ ସଚିବ ପଦ୍ମଚରଣ ସାହୁ, ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା, ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ୍, ଯୁବ ଅଧିକାରୀ ବିପିନ୍ କୁମାର, ପ୍ରସନ୍ନ ମେହେର, ବି. ରମେଶ ପ୍ରମୁଖ ଯୋଗ ଦେଇଥିଲେ । ନକ୍ସଲ ପ୍ରଭାବିତ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ ଓ ଓଡ଼ିଶା ରାଜ୍ୟର ୫ଟି ଜିଲ୍ଲାର ୨୨୦ ଜଣ ଯୁବ ପ୍ରତିନିଧି ଏଥିରେ ସାମିଲ୍ ହୋଇଥିଲେ । ଉକ୍ତ ଅଞ୍ଚଳର ଯୁବକ ଯୁବତୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ସହ ଭାବର ଆଦାନ ପ୍ରଦାନ କରିବା ଥିଲା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମକୁ ଶୁଭେନ୍ଦ୍ରନାଥ ସାହୁ, କୁଳମଣି ମଲ୍ଲିକ, ସ୍ୱେଚ୍ଛାସେବୀ ସତ୍ୟଶ୍ରୀ ସୌମ୍ୟକାନ୍ତ ମହାପାତ୍ର, ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ଦେବସ୍ମିତା ସାହୁ, ଜନାର୍ଦ୍ଦନ ପୃଷ୍ଟି, ସୁମିତ୍ରା ସାହୁ, ବିଶ୍ୱଜିତ ରାଉତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଛାତ୍ର କଂଗ୍ରେସ ସଭାପତିଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ

**ଭୁବନେଶ୍ୱର,୧।୨ (ମହାଭାରତ):** ପ୍ରଦେଶ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ଗିରଫକୁ ପ୍ରତିବାଦରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ପରେ ଲୋୟର ପି.ଏମ୍.ଜି ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ କାର୍ଯ୍ୟାଳୟ ଠାରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନେ ଏକ ରାଲିରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଆଡ଼କୁ ଅଗ୍ରସର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଆର.ଏସ୍.ଏସ୍. ମୁଖ୍ୟ ମୋହନ ଭଗବତଙ୍କ କୁଶପୁତଳିକା ଦାହ କରିବା ସମୟରେ ପୁଲିସ ସମସ୍ତ ଆନ୍ଦୋଳନକାରୀଙ୍କୁ ଘଟଣା ସ୍ଥଳରୁ ଉଠାଇ ନେଇଥିଲା।

ଏହି କାର୍ଯକ୍ରମରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଚୁନୁ ସିଂ ଅଂଶ ଗ୍ରହଣ କରି କହିଥିଲେ ଯେ ଉଦିତ୍ ପ୍ରଧାନଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଛି। ଆର.ଏସ୍.ଏସ୍ ମୁଖ୍ୟ ମୋହନ ଭଗବତ ରାଷ୍ଟ୍ରର ସ୍ୱାର୍ଥ ବିରୋଧୀ ଓ ସମ୍ବିଧାନ ବିରୋଧୀ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ ଓଡ଼ିଶା ପୁଲିସ ହିଟଲରୀ ରାଜକୁ ବରଦାସ୍ତ କରାଯିବ ନାହିଁ। ଏକ ଗଣତାନ୍ତ୍ରିକ




ରାଷ୍ଟ୍ରରେ ବିରୋଧୀ ଦଳର କଳାପତାକା ପ୍ରଦର୍ଶନ କରିବାର ଅଧିକାର ରହିଛି। ମୋହନ ଭାଗବତ ଦେଶରେ ଅସ୍ଥିରତା ସୃଷ୍ଟି ହେଲା ପରି ମନ୍ତବ୍ୟ ଦେଉଛନ୍ତି। ଉଦିତ୍ ପ୍ରଧାନଙ୍କୁ ତୁରନ୍ତ ଖଲାସ କରିବାକୁ ଶ୍ରୀ ପାତ୍ର ଦାବି କରିଛନ୍ତି।

ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର ଲୋକସଭା କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ସୟଦ୍ ୟାସିର ନୱାଜ କହିଛନ୍ତି ଯେ ଉଦିତ୍ ପ୍ରଧାନଙ୍କ ସ୍ୱର, ଏ ରାଜ୍ୟରେ ଧର୍ମନିରପେକ୍ଷତା ପ୍ରତି ବିଶ୍ୱାସ ରଖିଥିବା ଛାତ୍ର ସମାଜର ସ୍ୱର। ଏ ସ୍ୱର ସାରା ଓଡ଼ିଶାରେ ପ୍ରକମ୍ପିତ ହେବ। ବିଜେପି ସରକାର ଏହାର କଣ୍ଠରୋଧ କରିପାରିବ ନାହିଁ। ମୋହନ ଭାଗବତ ଜଣେ ରାଷ୍ଟ୍ର ବିରୋଧୀ ବ୍ୟକ୍ତି। ସେ ଗାନ୍ଧୀ ଓ ନେହେରୁଙ୍କ ତ୍ୟାଗକୁ ଅବମୂଲ୍ୟାୟନ କରୁଛନ୍ତି। ୧୯୪୭ ମସିହାରେ ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କ ଲୁହ, ଲହୁ ଓ ଜୀବନ ଦାନ ବିନିମୟରେ ଯେଉଁ ସ୍ୱାଧୀନତା ମିଳିଛି ତାକୁ ସେ ସ୍ୱୀକାର କରୁନାହାନ୍ତି। ସେ କହୁଛନ୍ତି ସ୍ୱାଧୀନତା ରାମ ମନ୍ଦିର ପ୍ରତିଷ୍ଠା ପର ଠାରୁ ହୋଇଛି। ମହାତ୍ମା ଗାନ୍ଧୀ, ନେହେରୁ, ସୁଭାଷ ବୋଷ, ପଟେଲ ଯେଉଁ ଜେଲଦଣ୍ଡ ଭୋଗିଥିଲେ, ତ୍ୟାଗ କଲେ ତାହାକୁ ଭିକ୍ଷା ବୃତ୍ତି ବୋଲି ଏହି ଗୈରିକ ସଂଗଠନ କହୁଛି। ଓଡ଼ିଶା ପୁଲିସ ନିରପେକ୍ଷ ନାହିଁ। ଓଡ଼ିଶାର ପୂର୍ବତନ ରାଜ୍ୟପାଳଙ୍କ ପୁଅ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଫିସରକୁ ମରାଣାନ୍ତକ ଆକ୍ରମଣ କଲାବେଳେ ପୋଲିସ ନୀରବ, କିନ୍ତୁ ରାଷ୍ଟ୍ର ପ୍ରେମୀ ଉଦିତ ପ୍ରଧାନଙ୍କୁ ଗିରଫ କରାଯାଉଛି। ପୁଲିସ ଅପାରଗତା, ମୁଖ୍ୟମନ୍ତ୍ରୀ ମଧ୍ୟ ଅପାରଗ। ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ସଂଖ୍ୟାଲଘୁ ସଂପ୍ରଦାୟ, ଦଳିତ ଓ ଆଦିବାସୀ ଅସୁରକ୍ଷିତ। ଓଡ଼ିଶା ପୁଲିସ ନିଜର କର୍ତ୍ତବ୍ୟ ପାଳନରେ ଅବହେଳା କରି ଶାସକ ଦଳର ଚାଟୁକାର ହୋଇଛନ୍ତି। ଆଜି ଠାରୁ ୨ ଦିନ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଘୋଷଣା କରାଯାଇଅଛି।

# ଲୋକୋ ପାଇଲଟ୍‌ଙ୍କୁ ଚାପ ମୁକ୍ତ ତାଲିମ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧।୨ (ମହାଭାରତ):** ଲୋକୋ ପାଇଲଟ୍ ଙ୍କ ପାଇଁ ଚାପ ମୁକ୍ତ ତାଲିମ କାର୍ଯ୍ୟକ୍ରମ ଚାଲିଥିବା ତିନି ଦିନିଆ ଲୋକୋ ପାଇଲଟ୍ ଙ୍କ ପାଇଁ ଚାପ ମୁକ୍ତ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ, ହେଚ୍. ଏସ. ବାଜ୍ୱା, ପ.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ତଥା ଏଚ୍.କେ.ଦତ୍ତ, ଆର୍ଟ ଅଫ୍ ଲିଭିଙ୍ଗ ଆସୋସିଏସନର ଓଡିଶା ରାଜ୍ୟ ସଂଯୋଜକ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ, ଟ୍ରାଫିକ୍ କଲୋନୀରେ ସ୍ଥିତ କନଫରେନ୍ସ ହଲ୍ ଠାରେ, ଦିନଙ୍କ ୨୯.୦୧.୨୦୨୫ ରେ ଆରମ୍ଭ ହୋଇଥିଲା। ଯେଉଁଥିରେ ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନ ଯଥା, ପାରାଦୀପ, ଯଖପୁରା, ଖୋର୍ଦ୍ଧା ରୋଡ଼, ଭଦ୍ରକ, କଟକ, ଛତ୍ରପୁର, ପଲାସା ଏବଂ କେନ୍ଦୁଝରଗଡ଼ ରେ କାର୍ଯ୍ୟ କରୁଥିବା, ୩୪ ଟି ଲୋକୋ ପାଇଲଟ ଏବଂ ସହକାରୀ ଲୋକୋ ପାଇଲଟ ଅଂଶଗ୍ରହଣ କରିଥିଲ। ଏହି ତାଲିମ କାର୍ଯ୍ୟକ୍ରମରେ, ସମସ୍ତଙ୍କୁ ବ୍ୟବହାରିକ, ସରଳ କିନ୍ତୁ ଅତ୍ୟଧିକ ପ୍ରଭାବଶାଳୀ ପଦ୍ଧତି ଅନ୍ତର୍ଭୁକ୍ତ ଯେପରିକି ଯୋଗ ଆସନା, ପ୍ରାଣାୟାମ, ଧ୍ୟାନ ଏବଂ ସୁଦର୍ଶନ କ୍ରିଆ। ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏହି ଅବସରରେ ଉଦବୋଧନ ଦେଇ ହେଚ୍. ଏସ. ବାଜ୍ୱା, ଡିଆରଏମ୍, ଖୋର୍ଦ୍ଧା ରୋଡ୍ କହିଛନ୍ତି ଯେ ଲୋକୋ ପାଇଲଟଙ୍କ ଉପରେ ସେମାନଙ୍କର ଚ୍ୟାଲେଞ୍ଜିଂ ଚାକିରି କି ନେଇକି ଏକ ବଡ଼ ଦାୟିତ୍ୱ ରହିଛି। ଏହି କର୍ମଚାରୀଙ୍କ ଜୀବନଶୈଳୀ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ସେମାନଙ୍କୁ ବ୍ୟକ୍ତିଗତ ଜୀବନ, କର୍ମମୟ ଜୀବନ ଏବଂ ସାମାଜିକ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପଡିବ ଏବଂ ଏହା କେବଳ ଚାପମୁକ୍ତ ମନ ଦ୍ୱାରା ସମ୍ଭବ ହୋଇପାରିବ। ସେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ତାଲିମ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କଠାରୁ ମତାମତ ନେଇଥିଲେ। ଚାପ ପରିଚାଳନା ଉପରେ ଶିଖାଯାଇଥିବା ଶିକ୍ଷାଗୁଡ଼ିକୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଉତ୍ସାହିତ କରିବା ଉଚିତ୍ ବୋଲି କହିଛନ୍ତି । ଖୋର୍ଦ୍ଧା ରୋଡ୍ ମଣ୍ଡଳ ଆଗାମୀ ଦିନରେ ଫ୍ରଣ୍ଟଲାଇନ କର୍ମଚାରୀଙ୍କ ପାଇଁ ଆହୁରି କିଛି ତାଲିମ କାର୍ଯ୍ୟକ୍ରମ କରିବାକୁ ଯୋଜନା କରୁଛି ବୋଲି ସେ କହିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ଆର୍ଟ ଅଫ୍ ଲିଭିଙ୍ଗ, ଏକ ପ୍ରମୁଖ ସ୍ୱେଚ୍ଛାସେବୀ-ଆଧାରିତ ଏନଜିଓ ସହଯୋଗରେ ପରିଚାଳିତ କରାଯାଇଛି । ଭାରତୀୟ ରାଜସ୍ୱ ସେବାର ଅବସରପ୍ରାପ୍ତ ଅଧିକାରୀ ତଥା ଭୁବନେଶ୍ୱରର ଆର୍ଟ ଅଫ୍ ଲିଭିଙ୍ଗର ପ୍ରଖ୍ୟାତ ଅଧ୍ୟାପକ ଲଳିତ କୁମାର ମହାନ୍ତି ଏବଂ ପ୍ରଦୀପ୍ତ କୁମାର ପଟ୍ଟନାୟକ, ପ୍ରଶିକ୍ଷଣ ଦେଇଛନ୍ତି।

# ରାଜ୍ୟସ୍ତରୀୟ ଖଦି ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୧।୨ (ମହାଭାରତ):** ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଖଦି ଓ ଗ୍ରାମୋଦ୍ୟୋଗ କମିସନ (କେଭିଆଇସି)ଙ୍କ ପକ୍ଷରୁ ଗ୍ରାମୋଦ୍ୟୋଗ ବିକାଶ ଯୋଜନା (ଜିଭିବାଇ) ଯୋଜନା ଅନ୍ତର୍ଗତ କଟକସ୍ଥିତ ଜବାହରଲାଲ ଇନଡୋର ଷ୍ଟାଡିୟମରେ ହିତାଧିକାରୀମାନଙ୍କୁ ଯନ୍ତ୍ରାଂଶ ଓ ଟୁଲକିଟ ବଂଟନ କରାଯାଇଛି । ଏହାସହ ସ୍ଥାନୀୟ ଖ୍ରୀଷ୍ଟିୟାନ ପଡ଼ିଆରେ ରାଜ୍ୟସ୍ତରୀୟ ଖଦି ଓ ପିଏମଇଜିପି ପ୍ରଦର୍ଶନୀ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର, ସ୍ଥାନୀୟ ସାଂସଦ ଭର୍ତୃହରି ମହତାବ, କେଭିଆଇସି ପୂର୍ବାଂଚଳ ସଦସ୍ୟ ମନୋଜ କୁମାର ସିଂ, ଜିଲ୍ଲପାଳ ଦତାତ୍ରେୟ ଭାଉ ସାହେବ ସିନ୍ଦେ, ଭୁବନେଶ୍ୱର ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଚିବ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ରାଜ୍ୟସ୍ତରୀୟ ଖଦି ଓ ପିଏମଇଜିପିର ମିଳିତ ପ୍ରଦର୍ଶନୀରେ ପ୍ରାୟ ପଚାଶଟି ଖଦି ଷ୍ଟଲ, ପଚାଶଟି ପିଏମଇଜିପି ଷ୍ଟଲ ପଡ଼ିଛି। ଏଥିରେ ଖଦି ଅନୁଷ୍ଠାନର ବିଭିନ୍ନ ଉତ୍ପାଦ, ଗ୍ରାମ୍ୟ ଶିଳ୍ପ ୟୁନିଟ, ପିଏମଇଜିପି, ଆରଇଜିପି, ଏସଏଫୟୁଆରଟି ଯୋଜନାର ବିଭିନ୍ନ ୟୁନିଟ ପଡିଛି। ହସ୍ତ ତନ୍ତ, ଖଦି ବୁଣା, ମାଟି ପାତ୍ର ତିଆରି, ହାତ ତିଆରି କାଗଜ ଶିଳ୍ପ ପରି ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି। ସାଧାରଣ ଜନତା ପାଇଁ ଏହି ପ୍ରଦର୍ଶନୀ ଆସନ୍ତା ୬ ଫେବ୍ରୁଆରି ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରଦର୍ଶନୀରେ ଖଦି ଓ



ଗ୍ରାମୋଦ୍ୟୋଗ ଉତ୍ପାଦ ପ୍ରଦର୍ଶନ ସହ ସ୍ଥାନୀୟ କାରିଗରମାନଙ୍କ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମ ନିର୍ଭର ଭାରତ ଓ ଭୋକାଲ ଫର ଲୋକାଲ ମିଶନକୁ ଚରିତାର୍ଥ କରିବା ପାଇଁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥିବା କୁହାଯାଇଛି।

ଜବାହର ଲାଲ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର ୧୩୬ଟି ଇଲେକ୍ଟ୍ରିକ ମାଟିର ଚକା, ୫୦ଟି ମହୁ ବାକ୍ସ, ୪୦ଟି ତାଳ ଗୁଡ ପ୍ରସ୍ତୁତ ମେସିନ, ୮ଟି କାଗଜ ଥାଳି ପ୍ରସ୍ତୁତ ମେସିନ, ଗୋଟିଏ ମସଲା ପ୍ରସ୍ତୁତ ୟୁନିଟ, ଗୋଟିଏ ହାଇଡ୍ରା ମେସିନ, ଗୋଟିଏ ସବାଇ ଘାସ ମେସିନ ବିତରଣ କରିଥିଲେୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡିଶାର ପ୍ରତି କାରିଗରଙ୍କୁ ଆତ୍ମ ନିର୍ଭର କରିବା ପାଇଁ କେଭିଆଇସି ଲକ୍ଷ୍ୟ ରଖିଥିବା କୁହାଯାଇଛି। ନିଜ କାମକୁ ସରଳ ଓ ସହଜ କରିବା ସହ ଆତ୍ମ ନିର୍ଭର ଭାରତ ସୃଷ୍ଟି କରିବାକୁ ଏହି ଯନ୍ତ୍ରପାତି ବିଶେଷ ସହାୟକ ହେବ ବୋଲି କୁହାଯାଇଛି।

ଖ୍ରୀଷ୍ଟିଆନ ପଡିଆରେ ଅନୁଷ୍ଠିତ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସାଂସଦ ଭର୍ତୃହରି ମହତାବ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କର ଆଦର୍ଶକୁ ଏହି ଖଦି ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖଦି ଓ ଗ୍ରାମୋଦ୍ୟୋଗକୁ ଅଭୂତପୂର୍ବ ସଫଳତା ମିଳିଛି। ଆତ୍ମ ନିର୍ଭର ଭାରତ ଅଭିଯାନରେ ପାଦେ ଆଗକୁ ଯାଇ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ଏହି ପ୍ରଦର୍ଶନୀ ଯଥେଷ୍ଟ ଖୋରାକ ଯୋଗାଇବ ବୋଲି ସାଂସଦ କହିଛନ୍ତି। କେଭିଆଇସି ପୂର୍ବାଂଚଳ ଜୋନ ସଦସ୍ୟ ମନୋଜ କୁମାର ସିଂ କହିଛନ୍ତି ଯେ, ଓଡିଶାରେ ପ୍ରାୟ ୮୮ଟି କ୍ରିୟାଶୀଳ ଖଦି ଅନୁଷ୍ଠାନ ରହିଛି। ଗତ ପାଂଚ ବର୍ଷ ଭିତରେ ୮୬.୫୮ କୋଟି ଟଙ୍କାର ଉତ୍ପାଦ ପ୍ରସ୍ତୁତ କରାଯାଇ ୯୪.୪୦ କୋଟି ଟଙ୍କାର ବ୍ୟବସାୟ କରାଯାଇଥିବା ସୂଚନା ଦିଆଯାଇଛି। ଫଳରେ ପ୍ରାୟ ୨,୨୭୭ ବୁଣାକାର ନିଯୁକ୍ତି ସୁଯୋଗ ହାତେଇଛନ୍ତି। ଏହାଛଡା ପିଏମଇଜିପି ଅଧୀନରେ ଗତ ପାଂଚ ବର୍ଷ ଭିତରେ ୧୭,୦୫୦ ନୂଆ ଶିଳ୍ପ ପ୍ରତିଷ୍ଠା କରାଯାଇ ୧,୪୩,୧୦୯ଟି ଚାକିରି ସୁଯୋଗ ସୃଷ୍ଟି କରାଯାଇ ପାରିଛି। ଏମଡିଟିସି, କେଭିଆଇସି ଭୁବନେଶ୍ୱର ମାଧ୍ୟମରେ ୨,୪୪୪ କାରିଗରଙ୍କୁ ଅଧିକ କୁଶଳୀ କରାଯାଇ ପାରିଛି। ଖଦି ବିକାଶ ଯୋଜନା ଓ ଏସଏଫୟୁଆରଟିଆଇ ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଓଡ଼ିଶା ପୋଲିସ ପକ୍ଷରୁ ପତାକା ଅବତରଣ ଉତ୍ସବ

**ଭୁବନେଶ୍ୱର,୧।୨ (ମହାଭାରତ):** ଏକତା ଏବଂ ଶୃଙ୍ଖଳାର ପ୍ରତୀକ ହେଉଛି ପତାକା ଅବତରଣ ଉତ୍ସବ। ପ୍ରତିବର୍ଷ ଜାନୁଆରୀ ୩୧ ତାରିଖରେ ଓଡିଶା ପୋଲିସ ପକ୍ଷରୁ ଏହି ପତାକା ଅବତରଣ ଉତ୍ସବ ପାଳିତ ହେଉଥିବା ବେଳେ ଭାରତର ସଶସ୍ତ୍ର ବାହିନୀର ସମନ୍ୱୟ ଏବଂ ଶୃଙ୍ଖଳାକୁ ଏହା ପ୍ରଦର୍ଶିତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ପୋଲିସ ପକ୍ଷରୁ ଆୟୋଜିତ ସପ୍ତମ ବାଟାଲିୟନ ଭୁବନେଶ୍ୱରଠାରେ ଆୟୋଜିତ ପତାକା ଅବତରଣ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟ



ପୋଲିସ ବାହିନୀର ସମନ୍ୱୟ ଏବଂ ଶୃଙ୍ଖଳାର ଏହା ଏକ ଅନନ୍ୟ ପ୍ରତୀକ। ଭାରତୀୟ ସୈନିକ ଏବଂ ରାଜ୍ୟ ପୋଲିସ ବାହିନୀଙ୍କ ସାହସ ଏବଂ ବଳିଦାନକୁ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ, ସତ୍ୟବ୍ରତ ସାହୁ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୋଲିସ କମିଶନର ଡ଼ଃ ଏସ. ଦେବଦତ୍ତ ସିଂଙ୍କ ସମେତ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ଯୁବ ସମାଜସେବୀ ସମ୍ମାନିତ

**ଭୁବନେଶ୍ୱର,୧।୨ (ମହାଭାରତ):** ନୂଆଦିଲ୍ଲୀରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମ୍ମାନିତ ହେଲେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ଯୁବ ସମାଜସେବୀ ଜିତେନ୍ଦ୍ର ଭୋଳ। ନିକଟରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ନ୍ୟାସନାଲ ୟୁଥ ଇନ୍ସପିରେସନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି ଜିତେନ୍ଦ୍ର। ଭାରତୀୟ ଯୁବା ୱେଲଫେୟାର ଆସୋସିଆସନ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାରା ଦେଶରୁ ବିଭିନ୍ନ କ୍ଷେତ୍ରରେ ମନୋନୀତ ହୋଇଥିବା ଏକାଧିକ ଯୁବ ସମାଜସେବୀଙ୍କୁ ସମ୍ମାନିତ କରାଯାଇଛି। ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ତଥା ଦେଶ ସେବାରେ ନିଜକୁ ଉତ୍ସର୍ଗ କରିଥିବା ଯୁବକ ମାନଙ୍କୁ ଉକ୍ତ ପୁରସ୍କାର ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ବାଣପୁର ଅଞ୍ଚଳର ଯୁବ ସମାଜସେବୀ ଜିତେନ୍ଦ୍ର ଭୋଳ ସ୍ୱଳ୍ପ ବୟସ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ସମାଜସେବା କ୍ଷେତ୍ରରେ ବିଭିନ୍ନ ଜନହିତକର କାର୍ଯ୍ୟ କରି ପ୍ରଶଂସା ସାଉଁଟିଛନ୍ତି। ଉକ୍ତ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ବହୁ ପ୍ରତିଷ୍ଠିତ ରାଜନେତା, ସମାଜସେବୀ, ଗାୟକ, କ୍ରୀଡ଼ାବିତ ଆଦି ଯୋଗ ଦେଇଥିଲେ। ତେବେ ଜିତେନ୍ଦ୍ରଙ୍କ ଉକ୍ତ ସଫଳତା ପାଇଁ ତାଙ୍କୁ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ବାଣପୁରବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ନବ ଦାସଙ୍କ ହତ୍ୟା ରହସ୍ୟ ?

ପ୍ରାୟ ଦୁଇ ବର୍ଷ ତଳେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଓଡ଼ିଶା ଇତିହାସରେ ଏହା ଥିଲା ଏକ ବିରଳ ଘଟଣା । ଜଣେ କାର୍ଯ୍ୟରତ କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କୁ ରାସ୍ତାରେ ଗୁଳି କରି ହତ୍ୟା କରାଯିବା ଓଡ଼ିଶା ଭଳି ରାଜ୍ୟରେ ଏକ ବିସ୍ମୟ ଥିଲା । ସେ ପୁଣି ସାଧାରଣ ମନ୍ତ୍ରୀ ନଥିଲେ । ଶାସକ ଦଳର ସେ ଥିଲେ ଜଣେ ଅତି ପ୍ରଭାବଶାଳି ନେତା । ପୁରା ପଶ୍ଚିମ ଓଡ଼ିଶାରେ ବିଜେଡି ସଙ୍ଗଠନ ତାଙ୍କ ନିୟନ୍ତ୍ରଣରେ ଥିଲା । କେବଳ ରାଜନୈତିକ ପ୍ରଭାବ ବା ଲୋକପ୍ରିୟତା ନୁହେଁ, ସେ ମଧ୍ୟ ଜଣେ ଅତି ଧନୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ସେତେବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର ସେ ଥିଲେ ସବୁଠାରୁ ଧନଶାଳୀ ସଦସ୍ୟ । ତାଙ୍କ ଚାରିପାଖେ ସବୁ ବେଳେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ରହିଥାଆନ୍ତି । ଏହା ସତ୍ତ୍ୱେ ତାଙ୍କୁ ଜଣେ ସାଧାରଣ ପୋଲିସ ଏସଏସଆଇ ଗୁଳି କରି ହତ୍ୟା କରିବା ନିଶ୍ଚିତ ଭାବେ ବିସ୍ମୟଜନକ । ଗୁଳି କରିଥିବା ଏଏସଆଇ ଗୋପାଳ ଧରା ପଡ଼ି ଜେଲରେ ଅଛି । ତାଙ୍କ ବିରୋଧରେ ଚାର୍ଜସିଟ ମଧ୍ୟ ଦାଖଲ ହୋଇଛି । ଗୁଜରାଟରେ ତାଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି । କିନ୍ତୁ ଘଟଣାର ଏତେ ଦିନ ପରେ ଏବେ ପୁଣି ସେହି ପ୍ରସଙ୍ଗ ଉଜ୍ଜୀବିତ ହୋଇଛି । ନବ ଦାସଙ୍କ ଝିଅ ଦୀପାଳି ଦାସ ତାଙ୍କ ସ୍ୱର୍ଗତ ପିତାଙ୍କ ହତ୍ୟାର ସିବିଆଇ ତଦନ୍ତ ଲାଗି ଲିଖିତ ଅନୁରୋଧ କରିବେ ବୋଲି କହିଛନ୍ତି । ତେବେ କଥା ହେଲା ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ନିରବ ଥିଲେ ଏବଂ ତାଙ୍କ ବାପାଙ୍କ ହତ୍ୟା ବିଧି ନିର୍ଦ୍ଦିଷ୍ଟ ଥିଲା ବୋଲି କାହିଁକି କହୁଥିଲେ ? ଏଥିପାଇଁ ତାଙ୍କ ଉପରେ କେହି ଚାପ ପକାଉଥିଲେ କି ? ସିବିଆଇ ତଦନ୍ତ ବା ହତ୍ୟା ପଛରେ ଥିବା ରହସ୍ୟ ଉନ୍ମୋଚନ ପାଇଁ ଦାବି କରିବାକୁ ସେ ଭୟ କରୁଥିଲେ କି ? କିଏ ଦୀପାଳିଙ୍କୁ ଭୟଭୀତ କରୁଥିଲା ? ଏହା ପଛରେ ତତ୍କାଳୀନ ଶାସକ ଦଳର କିଛି ପ୍ରଭାବଶାଳି ନେତାଙ୍କ ହାତ ରହିଥିଲା ବୋଲି ବିରୋଧୀ ସନ୍ଦେହ କରୁଥିଲେ । ସାଧାରଣରେ ମଧ୍ୟ ଏଭଳି ଧାରଣା ସୃଷ୍ଟି ହୋଇଥିଲା । କିନ୍ତୁ ଏହା ସତ୍ତ୍ୱେ ନବୀନ ବାବୁଙ୍କ ସରକାର କାହିଁକି ସେତେବେଳେ ସିବିଆଇ ତଦନ୍ତ ଲାଗି ନିଷ୍ପତ୍ତି ନେଇନଥିଲେ । ନବୀନଙ୍କ ମୁହଁକୁ କିଏ ବନ୍ଦ ରଖିଥିଲା ?

ନିକଟରେ ନବ ଦାସ ହତ୍ୟା ନେଇ ରାଜ୍ୟ ଫୋରେନସିକ ଲ୍ୟାବ ରିପୋର୍ଟ ଆସିଛି । ଏଥିରେ ଥିବା ରିପୋର୍ଟ ଅନୁଯାୟୀ ନବ ଦାସଙ୍କୁ ଲକ୍ଷ୍ୟ କରି ଏକାଧିକ ଗୁଳି ଫୁଟିଛି । କିନ୍ତୁ ସବୁ ଗୁଳି ଗୋପାଳ ଦାସ ଫୁଟାଇନଥିଲା । ତେବେ ଅନ୍ୟ କେହି ଦୂରରେ ରହି ନବ ଦାସଙ୍କୁ ଟାର୍ଗେଟ କରିଥାଇପାରେ । ଏଏସଆଇ ଗୋପାଳ ଦାସଙ୍କୁ କେବଳ ଏକ ମୋହରା କରାଯାଇଥିଲା । ଏହା ପଛରେ ଏକ ମାଷ୍ଟର ମାଇଣ୍ଡ କାର୍ଯ୍ୟ କରୁଥିଲା । ପରଦା ପଛରେ ଅନେକ ରହିଛନ୍ତି ଯେଉଁମାନଙ୍କୁ ଧରିବା କଷ୍ଟକର । ବିଜେପି ସାଂସଦ ପ୍ରଦୀପ ପୁରୋହିତଙ୍କ କହିବା ଅନୁଯାୟୀ ନବୀନ ପଟ୍ଟନାୟକଙ୍କ ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ପୁରା ଘଟଣାର ଖଳନାୟକ । କିନ୍ତୁ କ୍ଷମତା ଲୋଭ ଏବଂ ବିଳ ସମ୍ପତ୍ତିର ସୁରକ୍ଷା ପାଇଁ ନବ ଦାସଙ୍କ ପରିବାର ସିବିଆଇ ତଦନ୍ତ ଦାବି ନକରି ସେତେବେଳେ ନିରବ ରହିଲେ । ବିଳମ୍ବରେ ହେଉ ପଛେ ଦୀପାଳି ଦାସ ସିବିଆଇ ତଦନ୍ତ ପାଇଁ ସରକାରଙ୍କୁ ଲିଖିତ ଭାବେ ସମ୍ମତି ଜଣାଇବେ ବୋଲି କହିଛନ୍ତି । ଶୀଘ୍ର ରାଜ୍ୟ ସରକାର ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିବେ ବୋଲି ଆଶା । ନବ ଦାସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବା ଜରୁରୀ । ପ୍ରକୃତ ଅପରାଧୀକୁ ଲୋକେ ଚିହ୍ନିବା ଜରୁରୀ । ନବ ଦାସ ହତ୍ୟା ମାମଲାର ତଦନ୍ତରେ ଅନେକ ତ୍ରୁଟି ରହିଛି । ଅନେକ ତଥ୍ୟ ଲୁକ୍କାୟିତ ରହିଛି । ଗୁଳି ମାଡ଼ ପରେ ନବ ତତ୍କାଳ ବା ଅଳ୍ପ ସମୟ ପରେ ପ୍ରାଣ ହରାଇଥିଲେ । ତାଙ୍କ ଶବକୁ ଭୁବନେଶ୍ୱର ଚିକିତ୍ସା ପାଇଁ ଆଣିବା ଏବଂ ସନ୍ଧ୍ୟା ପରେ ମୃତ୍ୟୁ ଖବର କାହିଁକି ଘୋଷଣା କରାଗଲା ?

## ଭଗବତୀ ଭାରତୀ ଦେବୀ ନମସ୍ତେ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

*"ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି - ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ - 'ଯା କେନ୍ଦୁ ତୁଷାରହରା ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ଼୍ୟାପହା ।' ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିଙ୍କୁ ପ୍ରାର୍ଥନା କରି କୁହାଯାଇଛି - 'ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ । ତ୍ୱ ନୈ କାୟା ପୁରିତମ୍ - ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ ।'*

ମା' ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ । ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି । ମା'ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି । ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ । ଏହାର ତାତ୍ପର୍ଯ୍ୟ କ'ଣ ? ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି । ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ । ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ - ଅର୍ଥ ଗତି ବା ଚାଲିବା । ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ - ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ । ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା । ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି । ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ । ବାକ୍‌ମାନେ ଶବ୍ଦ । ତେଣୁ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ମା'ସରସ୍ୱତୀ ଶବ୍ଦର ଦେବୀ । ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ । ସୃଷ୍ଟିର ଆଦିରେ ଅଛି ଗତି । ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ । ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ । ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ । ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ । ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର ।

ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି - ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ - 'ଯା କେନ୍ଦୁ ତୁଷାରହରା ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ଼୍ୟାପହା ।' ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିଙ୍କୁ ପ୍ରାର୍ଥନା କରି କୁହାଯାଇଛି - 'ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ । ତ୍ୱ ନୈ କାୟା ପୁରିତମ୍ - ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ ।' ଅର୍ଥାତ୍ ହେ ଦେବୀ - ତୁମେ ହିଁ ସକଳ ବିଦ୍ୟାର ଧାତ୍ରୀ ଓ ଦାତ୍ରୀ, ତୁମେ ହିଁ ସକଳ ଶକ୍ତିର ଆଧାର ଓ ସର୍ବତ୍ର ପରିବ୍ୟାପ୍ତ । ତୁମ ବ୍ୟତୀତ ଏ ବିଶ୍ୱରେ ଆଉ କାହାର ସତ୍ତା ଉପଲବ୍ଧି କରି ହୁଏନା । ଆମ ଶାସ୍ତ୍ରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଏଇ ତ୍ରିଶକ୍ତିଙ୍କ ସମନି ତ ଶକ୍ତିକୁ ମହାମାୟା ବା ଆଦ୍ୟାଶକ୍ତି ରୂପରେ ବର୍ଣ୍ଣନା କରାଯାଇଛି । ଶକ୍ତି ତତ୍ତ୍ୱ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ସରସ୍ୱତୀ ମହାଶକ୍ତିଙ୍କର ଅଂଶ ବିଶେଷ ବା ଏକ ପ୍ରକାଶ ସ୍ୱରୂପ । ମହାଲକ୍ଷ୍ମୀ ଧନଧାନ୍ୟର ମହାସରସ୍ୱତୀ ସକଳ ବିଦ୍ୟା ସକଳ ଜ୍ଞାନ ଓ ବିବେକର ଏବଂ ମହାକାଳୀ ସକଳ ଶକ୍ତିର ଉତ୍ସ ତଥା ପ୍ରକାଶକ ରୂପେ ପରିକଳ୍ପିତ । ବେଦ ବାଣୀ - ବେଦରେ ଦେବୀମାନଙ୍କର ବନ୍ଦନାରେ ସରସ୍ୱତୀଙ୍କର ବର୍ଣ୍ଣନା ପ୍ରଥମ ଓ ପ୍ରଧାନ । ଋଗ୍ ବେଦରେ କଥିତ ଅଛି - ସରସ୍ୱତୀ ମହାଶକ୍ତିଙ୍କର ଉତ୍ସ । ଏହି ସରସ୍ୱତୀ ନିରାକାର, ନିର୍ଗୁଣ, ନିର୍ମାୟା, ଆଦ୍ୟାଶକ୍ତି । ତାଙ୍କୁ ମାତା ଓ ନଦୀ ରୂପରେ ସ୍ତୁତି କରାଯାଇ କୁହାଯାଏ -ଅମ୍ବି ତମେ ନଦୀ ତମେ, ଦେବୀ ତମେ ସରସ୍ୱତୀ, ଅପ୍ରଶସ୍ତ ଇବ ସ୍ୱାମୀ, ପ୍ରଶସ୍ତି ମମ ନିସ୍କୃତି । (ଋଗ୍ ବେଦ - ମ - ୨- ସ ୪୧-ଋ-୧୬) ଋଗ୍ ବେଦର ଏହି ବାଣୀରେ ଆର୍ଯ୍ୟ ଋଷିଗଣ ସ୍ତୁତି କରୁଅଛନ୍ତି ଯେ ହେ ଶ୍ରେଷ୍ଠା ମାତା, ହେ ଶ୍ରେଷ୍ଠା ନଦୀ, ହେ ଶ୍ରେଷ୍ଠା ଦେବୀ - ଆମେ ସବୁ ଅପ୍ରଶସ୍ତ ପ୍ରାଣୀ, ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ । ଏଣୁ ଏହି ବେଦବାଣୀ ଅନୁଯାୟୀ ଦିବ୍ୟ ଜ୍ଞାନ ପ୍ରଦାୟିନୀ ଦେବୀ ଜଗତର ଶ୍ରେଷ୍ଠ ମାତା ରୂପେ ପୂଜିତ ଓ ଶ୍ରେଷ୍ଠ ନଦୀ ରୂପେ ବର୍ଣ୍ଣିତ । ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଲା - (ସ୍ୱତଃ+ବତୀ) ପ୍ରସରଣ ଯାହାଙ୍କର ଅଛି । ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ଘେନି ଯିବାର ସେ ହେଲେ ଅଧିଷ୍ଠାତ୍ରୀ ଦେବୀ । ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ - ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ । ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା । ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି । ପାଣି ଉପରେ ପଦ୍ମ, ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି । ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ । ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ । ଆବେଗପୂର୍ଣ୍ଣ ଭାବରେ ଶ୍ରୀ ଶ୍ରୀ ଠାକୁର କହିଲେ - ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ । ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ । ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପୁଣି କହିଲେ - ହଂସ ହେଲା କଳନାଦୀ ବା କଳକଣ୍ଠ । କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ । ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା । ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ । ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ - ମା'ଙ୍କର କୋଳରେ ପୂଜାପାଏ ବହି । ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ । ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି । ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ । ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି ।

ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର । ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ । ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ । ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା । ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି । ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା । ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ । ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ ଧଳା । ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା । ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା । ତାହା ସହଜରେ ଉପରକୁ ଉଠିପାରେ । ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ । ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ । ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ । ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା । ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ । ଏଥିପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମରେ ମା'ସରସ୍ୱତୀଙ୍କର ପୂଜା ସାଡ଼ମ୍ବରେ କରୁଥିଲେ । ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ପୁଷ୍ପାଞ୍ଜଳି ଦେଉଥିଲେ ଓ ପ୍ରଣାମୀ ସହ ପ୍ରଣାମ ନିବେଦନ କରୁଥିଲେ । ପୁଷ୍ପାଞ୍ଜଳି ଦେଇ ଭକ୍ତି ସହକାରେ ମା'ସରସ୍ୱତୀଙ୍କୁ ପ୍ରଣାମ ନକଲା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଆହାର ଗ୍ରହଣ କରୁନଥିଲେ । ସମସ୍ତ ଭାବାର୍ଥ ସହ ଶ୍ରୀ ଶ୍ରୀ ଠାକୁର ବାଣୀ ଦେଲେ - 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ' ।

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଜୀବନ ଚଳଣୀର ମୂଳ ମନ୍ତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଆଜୀବନ କ'ଣ ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ । କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି । ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି । କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ । ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା । ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି ? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି । ଆଉ ତାକୁ ଉପଭୋଗ କରିବାକୁ ମଧ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ । ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ । ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା । ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା । ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା । ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

**ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**

## ପର୍ବ

**॥ ଅଜୟ କୁମାର ବେହେରା ॥**

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ପାଳିତ ହୁଏ ବୋଲି ଏକ ଲୋକକଥା ରହିଛି । ହେଲେ ବର୍ଷକ ୩୫୪ ଦିନ ଧରି ଚନ୍ଦ୍ରମାନ ପାଳନରେ ସବୁ ଦିନେ ଠାକୁର ନୀତିରେ କିଛି କିଛି ନୂଆ ନୂଆ ପର୍ବ ପର୍ବାଣୀର ଧାରା ଯୋଡ଼ି ହେବା ସହିତ ଅନେକ ବର୍ଷ ପରେ ନବକଳେବରରେ ଏକ ସ୍ୱତନ୍ତ୍ର ପର୍ବ ଜଡ଼ିତ ହେଉଛି । ଏମିତି ଓଡ଼ିଶାରେ ଅନେକ ପୀଠ ଅଛି । ପୀଠ ମାନଙ୍କରେ ଚଳନ୍ତିକା ଅନେକ ପର୍ବ ପାଳନ ହୋଇ ଆସୁଛି । ବହୁ ଗୁରୁପୀଠ ମଠ ଗାଦି ରହିଛି ଏଠାରେ ତତ ଗୁରୁଙ୍କର ସ୍ମରଣୀୟ ତିଥି ଗୁଡ଼ିକରେ ଏପରି ପର୍ବ ପାଳନ କରାଯାଉଛି । ପର୍ବ ଗୁଡ଼ିକ ବହୁଜନ ସମାଗମ ସମ୍ବନ୍ଧ ଯାତ୍ରାରେ ଲଗାଇ ପାଳନ କରାଯାଉଛି । ଯଥା ପ୍ରଭୁଙ୍କର ରଥଯାତ୍ରା, ଦୋଳଯାତ୍ରା, ଝୁଲଣ, ଚନ୍ଦନଯାତ୍ରା, ସ୍ନାନ ଯାତ୍ରା ପରି ବିଭିନ୍ନ ଦିଅଁଙ୍କ ପୀଠରେ ଏମିତି ଯାତ୍ରା ସମ୍ବନ୍ଧ ଚାଲୁ ରହିଛି । ମେଳା ଏକ ବିଶେଷ ପର୍ବ ଏହା ଛୋଟ ବଡ଼ ବହୁ ପ୍ରକାରର ହୋଇପାରେ । ବ୍ୟକ୍ତିଗତ ସଂସାରୀରେ ବାସ ଗୃହରେ ଶନିମେଳା, ତ୍ରିନାଥ ମେଳା, ଆଖଣ୍ଡଳମଣି ମେଳା, ପଞ୍ଚାନନ ମେଳା, ଶାରଳା ମେଳା, ପରିମେଳା ପରି ପାଳନ ବେଳେ ଗ୍ରହପୀଠରେ ବିଭିନ୍ନ ମନ୍ଦିରରେ ଏମିତି କିଛି ମେଳା ଲାଗୁଛି । ପଡ଼ୋଶୀ ରାଜ୍ୟ ବଙ୍ଗଳାରେ ରଥଯାତ୍ରାକୁ ରଥର ମେଳା କୁହାଯାଏ । ଆମର ଦୋଳପର୍ବରେ ମେଳନ ପଡ଼ିଆରେ ବହୁ ଗ୍ରାମର ରାଧାକୃଷ୍ଣ ବିମାନକୁ ସ୍ୱାଗତ କରାଯାଇ ଏକତ୍ର ମେଳନ କରାଯାଏ । ଏବେ ତ ମେଳା ଋଣ ଆଦାୟ ସଭା ସମିତିକୁ ଋଣମେଳା କୁହାଗଲାଣି ।

ପ୍ରତ୍ୟେକଙ୍କର ବ୍ୟକ୍ତିଗତ ଜୀବନଚର୍ଯ୍ୟାରେ ସ୍ମରଣୀୟ ଦିନ ଜନ୍ମଦିନ, ପିତୃମାତୃ ଶ୍ରାଦ୍ଧ ଦିନ, ନିଜର ବିବାହ ବାର୍ଷିକ ଆଦି ବର୍ଷରେ ସ୍ୱତନ୍ତ୍ର ଦିବସରେ ପାଳନ କରାଗଲା ବେଳେ ଏହା ଏକ ଏକ ପର୍ବ ସାମୁହିକ ପାଳନରେ ଅପରପକ୍ଷ ଶ୍ରାଦ୍ଧ ମହାଳୟା ଶ୍ରାଦ୍ଧ ପୟାଶ୍ରାଦ୍ଧ ଏକ ଏକ ପର୍ବ ପ୍ରତି ହିନ୍ଦୁ ଗୃହସ୍ଥ ସଂକ୍ରାନ୍ତିକୁ ସଂକ୍ରାନ୍ତି ଘରେ ଅଗ୍ନୀହୋତ୍ରୀଙ୍କ ଦ୍ୱାରା ହେମା ଯଥାଶକ୍ତି କରାଉଛନ୍ତି ଓ ବିପ୍ରଭୋଜନାଦି ବ୍ୟବସ୍ଥା କିଛି ଦାନ ସଂକ୍ରାନ୍ତିରେ କରାଉଛନ୍ତି । ଏ ବାର ପ୍ରକାର ସଂକ୍ରାନ୍ତିର ବ୍ୟବସ୍ଥାରେ ଅୟନ ବିଷୁବ ଆଦି ସଂକ୍ରାନ୍ତି ପାଇଁ ସ୍ୱତନ୍ତ୍ର ପର୍ବ ରହିଛି । ଏକାଦଶୀ ପାଳନ ୨୪ଟି ଅଧିବର୍ଷରେ ୨୬ଟି ହୋଇଯାଇପାରେ, ଏହା ବୈଷ୍ଣବ ସ୍ମାର୍ତ୍ତଙ୍କ ପାଳନୀୟ ପର୍ବ ଏହାର ପାରଣ ଏକ ସ୍ୱତନ୍ତ୍ର ନିୟମରେ କରାଯାଏ । ଶୈବ ମତରେ ସୋମବାର ଚତୁର୍ଦ୍ଦଶୀ ପାଳନ ଏକ ଏକ ବିଶେଷ ପର୍ବକୁ ଶ୍ରାବଣରେ କାଉଡିଆଙ୍କର ଶିବଙ୍କ ଉପରେ ଜଳ ଢ଼ାଳା କାର୍ତ୍ତିକ ମାସରେ ବଡ଼ ଓଷା ଫାଲଗୁନରେ ପଙ୍କ ଉଦ୍ଧାର ଏକାଦଶୀ, ଶିବରାତ୍ରୀ ବଡ଼ପର୍ବ । ଜ୍ୟେଷ୍ଠରେ ଶିବ ବିବାହ, ଶୀତଳ ଷଷ୍ଠୀ ବା ଜମାଇଷଷ୍ଠୀ ପର୍ବ ଏକ ଧୁମଧାମ ପର୍ବ । ଭାଦ୍ରବରେ ଗଣେଶ ପୂଜା, ମାଘରେ ସରସ୍ୱତୀ ପୂଜା ଏ ପର୍ବ ମୁଖ୍ୟତଃ ବିଦ୍ୟାର୍ଥୀଗଣଙ୍କ ଉଦ୍ଦିଷ୍ଟ ହେଲେ ବି ଗଣେଶ ପୂଜା ଅନେକ ଜାତିପାଟକଙ୍କ ପୂଜା ବିଶେଷକରି ଏ ଗୁଡ଼ିଆଙ୍କ ଜାତୀୟ ପର୍ବ । ଏହା ଏବେ ବଣିଆ ବଣିକ ଛୋଟବଡ଼ ଦୋକାନୀ ଅନେକ ନାଟ ତାମସା ଅପେରା ପାର୍ଟି ପାଳନ କରି ଧନ୍ଦା ଆରମ୍ଭ କରୁଛନ୍ତି । ଦଶହରା ପର୍ବ ଦୁଇଥର, ଶାରଦୀୟ ଓ ବାସନ୍ତୀ ଏ ଦୁଇଥିରେ ଦୁର୍ଗାଙ୍କ ତାଙ୍କ ସହିତ ଅନ୍ୟ ଦେବୀ ଦେବତା ପୂଜା ହେଉଛି । ଏହା ସାର୍ବଜନୀନ ଯୋଗୁ ଏହାକୁ ବଡ଼ ଧରଣର କରାଯାଇ ପାଳନ କରାଯାଉଛି । ଏହାବାଦ କାଳୀପୂଜା, ଲକ୍ଷ୍ମୀପୂଜା, ଗନ୍ଧେଶ୍ୱରୀ ପୂଜା, ଶୀତଳା ପୂଜା, ମନସା ପୂଜା ବର୍ଷ ମଧ୍ୟରେ ତିଥି ଭୋଗ ବେଳେ କରାଯାଉଛି । ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ନୃସିଂହ ବରାହ ବାମନ, ବୁଦ୍ଧ ଆଦିଙ୍କ ଏମିତି ଉଦ୍ଦିଷ୍ଟ ତିଥିରେ ସେମାନଙ୍କର ବିଭିନ୍ନ ଲୀଳା ସମ୍ବନ୍ଧରେ ପର୍ବ ପାଳନ କରାଯାଉଛି । ଗୋପାଳ ଜାତିର ଗୋ-ପୂଜାକୁ ପୋଷ୍ଟାଷ୍ଟମୀ, ଗୋବର୍ଦ୍ଧନ ପୂଜା, ବଳଭଦ୍ର ଜନ୍ମ ଶ୍ରୀକୃଷ୍ଣ ଜନ୍ମ, ନନ୍ଦଉତ୍ସବ, ଦୋଳ ପୂର୍ଣ୍ଣିମା ଆଦିରେ ପର୍ବ ଆକାରରେ ଉଦ୍ଦିଷ୍ଟ ତିଥିରେ ପାଳନ କରାଯାଉଛି । ଅନେକ ପାଟକଙ୍କର ଆୟୁଧ ପୂଜା ଦଶହରାକୁ ବିଶ୍ୱକର୍ମା ପୂଜାକୁ କରାଯାଉଛି ।

ସୂର୍ଯ୍ୟଙ୍କର ରଥ ସପ୍ତମୀ ଷଷ୍ଠ (ଛଟ ପୂଜା) ଶାମ୍ବ ଦଶମୀ ପ୍ରତି ସଂକ୍ରାନ୍ତିରେ ରବି ଚଳନରେ ଓ ରବିନାରାୟଣ ଏକାଦଶୀରେ ପୂଜା ହୋଇ ଆସୁଛି । ଚୈତ୍ର ମଙ୍ଗଳବାର, ଭାଦ୍ର ରବିବାରରେ ମାଆ ମଙ୍ଗଳବାର ପୂଜା କରାଯାଉଛି । ଏହାବାଦ ବର୍ଷକ ସବୁ ମଙ୍ଗଳବାର ମଙ୍ଗଳାଙ୍କର ପୂଜା ହେଉଛି । ପ୍ରତି ଗ୍ରାମରେ ଗ୍ରାମଦେବତୀ ଅଛନ୍ତି ଯେ ମଙ୍ଗଳାଙ୍କର ପ୍ରତିନିଧି କରଣ ସେଠାରେ ବିବାହରେ ଦିଅଁ ମଙ୍ଗୁଳା କାର୍ଯ୍ୟ ହେଉଛି । ପନ୍ଥେଇ ପୂଜା ପ୍ରତି ମଙ୍ଗଳବାର ଅନେକ ମହିଳା ପଣାପାଣି ଦେଇ ରାସ୍ତାରେ କରୁଛନ୍ତି । ଭାଗବତ ଜନ୍ମରୁ ଭାଗବତ ପାଠ ଆରମ୍ଭ ହୋଇ ଦିନକୁ ୧/୧ ଅଧ୍ୟାୟ ବିଧିରେ ପାଠ ଓ ଶ୍ରବଣ କରି ପୁନଃ ଭାଗବତ ଜନ୍ମରେ ଭାଗବତ ବଢ଼ା କରାଯାଏ । ଏବେ ଏଥିରେ ପ୍ରାଧାନ୍ୟ କେହି ରଖୁ ନାହାଁନ୍ତି । ପ୍ରକୃତରେ ଏହା ଏକ ପାରିବାରିକ ସତସଙ୍ଗ ଏହା ଗୃହ କଳହ, ଶାନ୍ତିକର ଆଧାତ୍ମିକ ସୁଖ ପ୍ରଦାନକାରୀ ଫଳରେ ବାସ୍ତୁ ଶାନ୍ତି ମନକୁ ମନ ହୋଇଥାଏ । ମନୁଷ୍ୟ ଅନ୍ୟାୟ ଅନୀତିକୁ ଯିବାରେ ଧର୍ମବାଧା ବୁଝିପାରେ । ଏମିତି ଅଛି ଗୀତା ଜୟନ୍ତୀ ଏ ଦିନ ଗୀତା ପାଠର ଅନୁଷ୍ଠାନ କରାଯାଏ । ଗୀତା ଭଗବାନଙ୍କ ମୁଖ ନିସୃତ ବାଣୀ ବୋଲି ଧରାଯାଏ । ସମସ୍ତ ଉପନିଷଦର ଧାରା ପ୍ରତ୍ୟେକଙ୍କର ଆଚରଣୀୟ ଜୀବ-ଶୈଳୀ ଏତ୍ରରେ ସୂତ୍ର ଆକାରରେ ଅଛି ଏହାକୁ ବିଶ୍ଳେଷଣକାରୀ ଭଲ ଭାବରେ ବୁଝାଇ କହିଲେ ଯେ କେହି ଲୋକ ଭୁଲ ମାର୍ଗଛାଡ଼ି ଠିକ ମାର୍ଗରେ ଚାଲିପାରିବ । ଯେତେ ଗୁରୁ ସନ୍ନ୍ୟାସୀ ହୁଅନ୍ତି, ଏଇ ଭାଗବତ ଓ ଗୀତା ମଧ୍ୟରୁ ହିଁ ଉପଦେଶ ଦେବା ତଥ୍ୟ ସଂଗ୍ରହ ରଖି ତାଙ୍କର ଶିଷ୍ୟ ଭକ୍ତ ମାନଙ୍କୁ କହି ସୁପଥକୁ ଆଣିବା ଚେଷ୍ଟା କରୁଛନ୍ତି ।

## ଇଟାଗଡ଼ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



କପ୍ତିପଦା -(ମହାଭାରତ ): କପ୍ତିପଦା - କପ୍ତିପଦା ବ୍ଲକ ଅନ୍ତର୍ଗତ ଜେ.ଏସ ଜାମୁଡିହା ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଇଟାଗଡ଼ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀ ଯୋଗେନ୍ଦ୍ର ଗିରିଙ୍କ ନେତୃତ୍ୱରେ ତା. ୨୯/୦୧/୨୫ ରିଖ ବୁଧବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କପ୍ତିପଦା ଉପଖଣ୍ଡର ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ ନରେନ୍ଦ୍ର ଖମାରୀ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଦେବଳା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୀପକ କୁମାର ଦଣ୍ଡପାଟ ଏହି ବାର୍ଷିକ ଉତ୍ସବରେ ସଭାପତିତ୍ୱ କରିଥିଲେ ଉଦଳା ବହୁବନ୍ଧ କନ୍ୟାଶ୍ରମ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅକ୍ଷୟ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କପ୍ତିପଦା ବ୍ଲକର ମଣ୍ଡଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ ସୋରେନ ମହୋଦୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଗୁଲି ଆଶ୍ରମ ବିଦ୍ୟାଳୟର ବିଶ୍ୱନାଥ ସାହୁ ସାର,ତୋଟାପୋଡ଼ା ଆଶ୍ରମ ବିଦ୍ୟାଳୟର ଦେବେନ୍ଦ୍ର କୁମାର ପଣ୍ଡା ମହୋଦୟ, ଚନ୍ଦନପୁର ନୂତନ ଆଶ୍ରମ ବିଦ୍ୟାଳୟର ପ୍ରଦୀପ କୁମାର ଭୂୟାଁ ମହୋଦୟ, ପରିଚାଳନା କମିଟିର କୋଲା ହାଁସଦା ଏବଂ ଜେ. ଏସ ଜାମୁଡିହା ପଞ୍ଚାୟତର ଶ୍ରୀମତୀ ସବିତା ସିଂ ପ୍ରମୁଖ ଯୋଗଦାନ କରିଥିଲେ ଶିକ୍ଷକ ଶ୍ରୀଯୁକ୍ତ ପରମାନନ୍ଦ ନାୟକ, ରଶ୍ମିତା ଦାସ, ମୀନକେତନ ବେହେରା, ଅରୁଣା ମହାନ୍ତି ଓ ଅତିଥି ଶିକ୍ଷକ କୁମାରୀ ରୋଜାଲିନ ଦାସ ସର୍ବଶେଷରେ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ସମସ୍ତ ରୋଷେୟା ଓ ମେଟ୍ରୋନ ଦିଦିଙ୍କ ସହାୟତାରେ ଉତ୍ସବଟି ସଫଳ ହୋଇଥିଲା।

## ଚୋରା ବାଇକ ରାକେଟ ପର୍ଦ୍ଦାଫାଶ କଲା ଯୋଡ଼ା ଥାନା ପୋଲିସ

# ୬ ବାଇକ ଚୋର ଗିରଫ,୫ ବାଇକ ଜବତ

ଯୋଡ଼ା,(ମହାଭାରତ) ଚୋରା ବାଇକ ରାକେଟ ପର୍ଦ୍ଦାଫାଶ କରିଛି ଯୋଡ଼ା ଥାନା ପୋଲିସ। ଏହି ମାମଲାରେ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ବାଇକ ଜବତ କରିଛି ପୋଲିସ। ଯୋଡା ଥାନା ଆଇ ଆଇ ସି ଲୋକେଶ୍ୱର ସାହୁଙ୍କ ସୂଚନା ଅନୁଯାୟୀ,ଯୋଡା ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୬ ଅଭିଯୁକ୍ତକୁ ଗିରଫ କରିଥିଲା । କେସ ନଂ ୧୧୨/୨୪ ଅନୁଯାୟୀ,ଗତ ତା ୧/୩/୨୦୨୪ ରିଖରେ ଯୋଡା ସହର ସ୍ଥିତ ଆମ ବାଗାନ ଠାରେ ରହୁଥିବା ବି.ଜୟ ରାମ ରେଡ୍ଡୀଙ୍କ ଘର ସାମ୍ନାରୁ ବାଇକ୍ ନଂ ଓଡି-୩୩ଏଜି-୦୪୭୮ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସେହିପରି ଯୋଡା ଥାନା କେସ ନଂ ୧୫୪/୨୪ ଅନୁଯାୟୀ,ଯୋଡା ଥାନା ଅ□ଳରୁ ଚୋରି ହୋଇଥିବା ବାଇକଟିକୁ ଚମ୍ପୁଆ ଥାନାରେ ଜବତ ହୋଇଥିଲା । ଏହି ଦୁଇଟି ମାମଲାର ତଦନ୍ତଭାର ଯୋଡା ଆଇ ଆଇ ସି ଲୋକେଶ ସାହୁ ନେବା ପରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଜାରି ରଖି ଏହି ବାଇକ୍ ଚୋରି ରାକେଟର ମାଷ୍ଟରମାଇଣ୍ଡ ଯୋଡା ।ଚୁହାଟିଂର ସୌରଭ ମହାକୁଡ ଓରଫ ଗୁଡୁକୁ ଗିରଫ କରିବା ପରେ ସମସ୍ତ ଘଟଣା ପର୍ଦ୍ଦାଫାଶ ହୋଇଥିଲା । ଏହି ରାକେଟରେ ସଂପୃକ୍ତ ଥିବା ଅନ୍ୟ ୫ଜଣଙ୍କୁ ପୋଲିସ ଗିରଫ କରିଛି ।ସେମାନେ ହେଲେ ବାଚୁହାଟିଂର ସନ୍ତୋଷ ମହାନ୍ତ (୨୮),ରୁଗୁଡ଼ି ଥାନା କ୍ୟାମ୍ପ ହାଟିଂର ବୀର ସିଂ ମୁଣ୍ଡା (୪୮),ଭୂୟାଁ ରୋଇଡା ଅ□ଳର ଗୋବିନ୍ଦ ମୁଣ୍ଡା (୩୭),ଚମ୍ପୁଆ ଥାନା ରାଇଗୁଡ଼ି ଅଞ୍ଚଳର ପୁରୁଷୋତ୍ତମ ମହାନ୍ତ (୨୧),କରଞ୍ଜିଆ ଅ□ଳର ଲକ୍ଷ୍ମଣ ଜ୍ରି (୨୮) । ପୋଲିସ ଚଢାଉ ବେଳେ ସଦର ଥାନାରୁ ଚୋରି ହୋଇଥିବା ଗୋଟିଏ ପଲ୍ସର୍ ଓଡ଼ି-୦୯ୟୁ-୨୩୪୮ ନମ୍ବର ବାଇକ୍ ସମେତ ୫ଟି ଚୋରି ବାଇକକୁ ଉଦ୍ଧାର କରିଛି । ପୋଲିସର ଅନୁସନ୍ଧାନ କରି ଜାଣିବାକୁ ପାଇଛି ଯେ,ମାଷ୍ଟର ମାଇଣ୍ଡ ସୌରଭ ଓରଫ ଗୁଡୁ ଯୋଡା ସହର ସମେତ ବିଭିନ୍ନ ଅଞ୍ଚଳରୁ ତାଙ୍କ ସହଯୋଗୀଙ୍କ ସହାୟତାରେ ବାଇକ୍ ଚୋରି ଜିଲ୍ଲା ତଥା ରାଜ୍ୟ ବାହାରକୁ ନକଲି ବାଇକ୍ ନଂ ଲଗାଇ କମ୍ ମୂଲ୍ୟରେ ବିକ୍ରି କରୁଥିଲା । ଗିରଫ ଅଭିଯୁକ୍ତ ନାମରେ ମଧ ଆଗରୁ ଅପରାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ମାନେ ବାଇକ ଚୋରି କରି ପ୍ରଥମେ ଏହାର ନମ୍ବର ପ୍ଲେଟ, ବଦଳାଇ ଦେଉଥିଲେ । ଏପିରିକ ଗାଡିର ଇଞ୍ଜିନ ଓ ଚେସିସ ନମ୍ବର ବି ବଦଳାଇ ଦେଉଥିଲେ । ଏହା ପରେ ଗ୍ରାହକ ଯୋଗାଡ କରି ସେଗୁଡିକୁ ଚୋରାରେ ବିକ୍ରି କରୁଥିଲେ। ଶନିବାର ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇ ଥିବା ବେଳେ ଏହି ମାମଲାରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତକୁ ମଧ ଗିରଫ କରାଯିବ ବୋଲି ଯୋଡ଼ା ଥାନା ଆଇଆଇସି ଲୋକେଶ୍ୱର ସାହୁ ସୂଚନା ଦେଇଛନ୍ତି ।



## ଅସ୍ତରଙ୍ଗ ବ୍ୟବସାୟୀ ସଙ୍ଘ ର ବାର୍ଷିକ ଉତ୍ସବ ଓ ନିର୍ବାଚନ



ଅସ୍ତରଙ୍ଗ(ମହାଭାରତ) -ଅସ୍ତରଙ୍ଗ ବଜାରର ୩୦୦ରୁ ଉର୍ଦ୍ଧ ଛୋଟ ବଡ଼ ବ୍ୟବସାୟୀ ମାନଙ୍କୁ ନେଇ ଗଢିଉଠିଥିବା ବ୍ୟବସାୟୀ ମହାସଂଘ ପକ୍ଷରୁ ଅସ୍ତରଙ୍ଗ ର ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଗଙ୍ଗାଦେବୀଙ୍କ ପୀଠରେ ଭୋଜି ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଧାରଣ ଲୋକଙ୍କ ସମସ୍ୟା,ସାଧାରଣ ଲୋକଙ୍କ ପାଇଁ ପରିଶ୍ରାଗାର, ପାନୀୟ ଜଳ ସୁବିଧା, ବଜାର ପରିଷ୍କାର ଓ ପରିଚ୍ଛନତା, ଆଲୋକୀକରଣ ସମ୍ପର୍କିତ ବିସ୍ତୃତ ଆଲୋଚନା ହୋଇଥିଲା ।ବିଶେଷ କରି ବ୍ୟବସାୟୀ ମାନଙ୍କ ମଧ୍ୟରୁ ଯେଉଁମାନେ ଅକାଳ ରେ ମର୍ତ୍ତ୍ୟୁ ମୁଖରେ ପଡୁଛନ୍ତି ସେମାନଙ୍କ ପାଇଁ ସଙ୍ଘ ପକ୍ଷରୁ ସହାୟତା ଯୋଗାଇବା ପାଇଁ ହୋଇ ନିଷ୍ପତି ବଳବତର ରହିଲା । ମାସ ଶେଷ ଗୁରୁବାର ଦିନ ସବୁଜଶାଖା ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ବଜାର ସଫେଇ କାର୍ଯ୍ୟକ୍ରମକୁ ମହାସଙ୍ଘ କର୍ମକର୍ତା ଏବଂ ସମସ୍ତ ସଦସ୍ୟ ପ୍ରଂଶସା କରିବା ବେଳେ ଅନ୍ୟମାନେ ସାଧୁବାଦ ଜଣାଇବା ସହିତ ଆଗାମୀ ଦିନରେ ଏକ ମେଗା ରକ୍ତ ଦାନ ଶିବିରର ଆୟୋଜନ କରାଯିବା ପାଇଁ ନିଷ୍ପତି ନିଆଗଲା । ଏହି ବୈଠକରେ ପୂର୍ ବର୍ଷ ପରି କର୍ମକର୍ତ୍ତା ନିର୍ବାଚନ ମଧ ହୋଇଥିଲା ସମସ୍ତ ଙ୍କ ସହମତି କ୍ରମେ ଏକ କମିଟି ଗଠନ କରାଯାଇଥିଲା ସେମାନେ ହେଲେ ସଭାପତି ଦୁଷ୍ମନ୍ତ ପରିଡା, ଉପ ସଭାପତି ସୁକାନ୍ତ ସାହୁ. ସମ୍ପାଦକ ସତ୍ୟବ୍ରତ ଲେଙ୍କା. କୋଷଧକ୍ଷ ବସନ୍ତ ବିଶ୍ୱାଳ, ପ୍ରସନ୍ତ କୁମାର ବାରିକ, ସମୀର କୁମାର କର, ପ୍ରମୋଦ ପଢିଆରୀ, ତରୁଣ ତପନ ସ୍ୱାଇଁ, କୈଳାସ ପ୍ରଧାନ, ସୁବଳ ମହାନ୍ତି, ପ୍ରକାଶ ନାୟକ, ସରୋଜ ପ୍ରଧାନ ପ୍ରଫୁଲ୍ଲ ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

## ସୋନିଆ ଗାନ୍ଧୀ ଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ନୂଆପଡ଼ା ବିଜେପି ର ବିକ୍ଷୋବ ପ୍ରଦର୍ଶନ

ଖଡ଼ିଆଳ:(ମହାଭାରତ): ବଜେଟ୍ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ସୋନିଆ ଗାନ୍ଧିଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ନୂଆପଡା ଜିଲ୍ଲା ବିଜେପି ପକ୍ଷରୁ ଖଡ଼ିଆଳ ବ୍ଲକ କାର୍ଯାଳୟ ସମ୍ମୁଖରେ ବିକ୍ଷୋବ ପ୍ରଦର୍ଶନ ସହ ସୋନିଆ ଗାନ୍ଧୀଙ୍କ କୁଶପୁତୁଳି ଦାହ କରାଯାଇ ଥିଲା । ମହାମହିମ ରାଷ୍ଟ୍ରପତିଙ୍କୁ 'ପୋର ଲେଡି...' ବୋଲି ମନ୍ତବ୍ୟ ଦେବାସହ ଭାଷଣ ବୋରିଂ, ମିଥ୍ୟା ପ୍ରତିଶ୍ରୁତି ଏବଂ ବିଚାରୀ ମହିଳା କହି ରାଷ୍ଟ୍ରପତିଙ୍କୁ ତାଚ୍ଛଲ୍ୟ କରିଥିଲେ। ସୋନିଆ ଗାନ୍ଧୀ ବୋଲି ବିକ୍ଷୋବ ପ୍ରଦର୍ଶନ ବେଳେ ବିଜେପି କର୍ମୀ ମାନେ ମତବ୍ୟକ୍ତ କରିବା ସହ ଏନେଇ ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଦାବୀ କରିଥିଲେ । ଅଭିଭାଷଣ ପଢି ରାଷ୍ଟ୍ରପତି ଥକି ଯାଇଥିବା କଥା ମଧ କହିଥିଲେ ଏବଂ ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବୋରିଂ କହିଛନ୍ତି । ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଙ୍କ ଏଭଳି ବିବାଦୀୟ ମନ୍ତବ୍ୟ ପରେ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।କଂଗ୍ରେସ ନେତାଙ୍କ ଏଭଳି ବିବାଦୀୟ ବୟାନ ପରେ ରାଜନୈତିକ ମାହୋଲ ସରଗରମ ହୋଇଛି । ବିକ୍ଷୋବ ପ୍ରଦର୍ଶନ ବେଳେ ବିଜେପି କର୍ମୀ ମାନେ କହିଛନ୍ତି ଯେ, 'ସୋନିଆ ଗାନ୍ଧୀଙ୍କ ଏଭଳି ପ୍ରତିକ୍ରିୟା ସର୍ବୋଚ୍ଚ ଆସନରେ ବସୁଥିବା ଆଦିବାସୀ ମହିଳାଙ୍କ ପ୍ରତି ଅପମାନ। ଏଣୁ ଏପରି ମନ୍ତବ୍ୟ ନେଇ ସାରାଦେଶରେ ଝଡ଼ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି । ସୋନିଆ ଗାନ୍ଧୀ ମହାମହିମ ରାଷ୍ଟ୍ରପତିଙ୍କୁ କ୍ଷମା ପ୍ରାର୍ଥନା ପାଇଁ ବିଜେପି ପକ୍ଷ ରୁ ଦାବି ଜୋର ଧରିଛି । ଏନେଇ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଖଡ଼ିଆଳ, ସିନାପାଲି, ବୋଡ଼େନ ବ୍ଲକର ଶତାଧିକ ବିଜେପି କର୍ମୀ ଏକତ୍ରିତ ହୋଇ ବିକ୍ଷୋବ ପ୍ରଦର୍ଶନ କରିବା ସହ ସୋନିଆ ଗାନ୍ଧୀଙ୍କ କୁଶପୁ□ଳିକା ଦାହ କରିଥିଲେ । ଏହି ବିକ୍ଷୋବ ପ୍ରଦର୍ଶନ ବେଳେ ବରିଷ୍ଠ ବିଜେପି ନେତା ବିକ୍ରମ ମାଝୀ, ଶିବ ପ୍ରସାଦ ମୁଣ୍ଡ, ପ୍ରିୟରଞ୍ଜନ ମେହେର, ଅଜିତ ଚଳାନ, ଲକ୍ଷଣ ଦୁରିଆ, ଆହ୍ୱାନ ଯୋଶୀ ପ୍ରମୁଖ ଙ୍କ ସହ ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ ।

## ତ୍ରୀଶକ୍ତି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତରେ ତ୍ରିଶକ୍ତି ଯୁବ କ୍ଲବ ଦ୍ୱାରା ଆୟୋଜିତ ୬ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦଯାପିତ ହୋଇଯାଇଛି ।ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେ□ ରେ ମୋଟ ୧୬ ଗୋଟି କ୍ରିକେଟ ଟିମ ଅଂଶ ଗ୍ରହଣ କରିଥିଲେ।ଫାଇନାଲ ମ୍ୟାଚ ସମ ୧୧ ମୟୂରଭଞ୍ଜ ସହିତ ସୁହାନି ୧୧ ପଶ୍ଚିମବଙ୍ଗ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ସୁହାନି ୧୧ ପଶ୍ଚିମବଙ୍ଗ କ୍ରିକେଟ ଟିମ ୧୦ ଓଭାର ରେ ୮ ୱିକେଟ୍ ହରାଇ ୧୦୦ରନ କରିଥିଲେ, ସମ ୧୧ ମୟୂରଭଞ୍ଜ ଟିମ୍ ୯ ଓଭର ରେ ୪ ୱିକେଟ୍ ହରାଇ ୧୦୩ ରନ୍ ସଂଗ୍ରହ କରି ବିଜୟ ଲାଭ କରି ଚମ୍ପିୟାନ ହୋଇଥିଲେ। ଉଦଯାପନ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ର ପୂର୍ବତନ ବିଧାୟକ ବିଜୟ କୁମାର ନାୟକ ,ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ , ସମାଜସେବୀ ବସନ୍ତ କୁମାର ପୈବର୍ତ୍ତୀ, ଟିଭି ଧାରାବାହିକ ର ହିରୋଇନ୍ ସଂନମିରା ନାଗେଶ୍ , ଓଡ଼ିଶା ମହିଳା କ୍ରିକେଟ୍ ଟିମ ର ଖେଳାଳୀ ଏସ ବି ସିମରନ, ରେଞ୍ଜର ଉମାକାନ୍ତ ବେହେରା ଓ ପଦ୍ମଲୋଚନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ସପନ ମହାନ୍ତ। ଚମ୍ପିୟାନ ଟିମ୍ କୁ ସମ ୧୧ ମୟୂରଭଞ୍ଜ ଟିମ୍ କୁ ପୁରସ୍କାର ସ୍ୱରୂପ ନଗଦ ୫୫୫୫୫ ସହ ଟ୍ରଫି ଓ ରାନର୍ସ ଟିମ କୁ ୪୪୪୪୪ ଓ ମେନ ଅଫ ଦି ମ୍ୟାଚ ଋତୁରାଜ ଆଚାର୍ଯ୍ୟ ମେନ ଅଫ ଦି ଶ୍ରିଜ ହୃଷୀକେଶ ଦାସ ବେଷ୍ଟ ବେଟସ ମେନ ବବଲୁ ଦାସ ବେଷ୍ଟ ବଲର ବିଶିକେଶନ ଦାସ ବେଷ୍ଟଫିଲଡର ଗୁରୁଦୀପନ ଜେନା ଭାବେ ବିବେଚିତ ହୋଇ ଉପସ୍ଥିତ ଅଥିତି ମାନେ ପୁରସ୍କୃତ କରିଥିଲେ । ଖେଳ ପରିଚାଳନା କରିଥିଲେ ଲବ କିଶୋର ହେମ୍ବ୍ରମ,ହର ପ୍ରସାଦ ସେଠୀ । ଏହି ଅବସରରେ କୁଡୁମି ସମାଜ ର ଝୁମର ନାଚ ଶାନ୍ତାଳ ମାନଙ୍କ ଡାଣ୍ଟା ନାଚ ଓ ବୁଢ଼ୀ ଗାଳି ନାଚ ପ୍ରଦର୍ଶିତ ହେଇଥିଲା ।ସର୍ବ ଶେଷ ରେ କ୍ଲବ ର ସଭାପତି ମାନସ ରଞ୍ଜନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




## ଭାବବିହୋର ପରିବେଶରେ ଆଦର୍ଶ ପ୍ରଧାନଶିକ୍ଷୟତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



କାକଟପୁର(ମହାଭାରତ) -ସେ ହେଉଛନ୍ତି ଗୁରୁ,ଅନ୍ଧାରରେ ସେ ଦେଖାନ୍ତି ଆଲୋକର କିରଣ, ସଫଳତାର ଶିଖର ଚଢାଇବାରେ ଥାଏ ତାଙ୍କ ହାତ। ବିପଥଗାମୀ ପାଇଁ ସାଜନ୍ତି ପଥ ପଦର୍ଶକୟ ଶିଷ୍ୟଙ୍କୁ ଭଲ ମଣିଷ ଭାବେ ଗଢିବାରେ ଥାଏ ଅବଦାନ ଅତୁଳନୀୟ। ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ପଂଚାୟତ ସାଡେଙ୍ଗା ନିକଟସ୍ଥ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳୀ ଦେଇ ଚାକିରୀ କାଳରୁ ଅବସର ନେଇଛନ୍ତି । ଶୁକ୍ରବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟତ୍ରୀଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଅଧିକାରୀ ଦିଲ୍ଲୀପ କୁମାର ଜେନା,କାକଟପୁର ପଂଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ପୁଷ୍ପାଞ୍ଜଳୀ ଦେଇ ଶିକ୍ଷୟତ୍ରୀ ଭାବେ ରହିବା ଦିନଠାରୁ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପରିଚାଳନା କମିଟି କର୍ମକର୍ତ୍ତା ନିଜ ଅଭିଭାଷଣ ରେ କହିଥିଲେ ଶ୍ରୀମତୀ ପୁଷ୍ପାଞ୍ଜଳୀ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମା ଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ପରିଶେଷରେ ଏକ ଭାବ ବିହ୍ୱଳ ପରିବେଶ ମଧ୍ୟରେ ସମସ୍ତ ସହକର୍ମୀ, ଛାତ୍ରଛାତ୍ରୀ ମାନେ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀମତୀ ପୁଷ୍ପାଞ୍ଜଳୀ ଦେଇଙ୍କୁ ପାଟପୁର ସ୍ଥିତ ନିଜ ବାସଭବନରେ ଛାଡିଥିଲେ।

## ବଂଶଧାରା ରେ କବିତା ପାଠୋତ୍ସବ

ଗୁଣପୁର(ମହାଭାରତ):ଗୁଣପୁର ଠାରେ ତ୍ରୟୋଦଶ ରାଜ୍ୟ ସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଳନ ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନବ ନିର୍ମାଣ ସମିତି ଓ ବଂଶଧାରା ସାହିତ୍ୟ ସମାଜ ଗୁଣପୁର ପକ୍ଷରୁ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ମହୋତ୍ସବର ଉଦ୍ଘାଟକ ରୂପେ ପୁର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ଡକ୍ଟର ଗିରିଧର ଗମାଙ୍ଗ, ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରତ□ବିତ ଶ୍ରୀ ଶ୍ରୀରଙ୍ଗ ନାୟକ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପଞ୍ଚବଟିର ସମ୍ପାଦକ ଶ୍ରୀ ସୁଶାନ୍ତ କୁମାର ନାୟକ ବଂଶଧାରା ସାହିତ୍ୟ ସମାଜର ସଭାପତି ଶ୍ରୀ ପ୍ରଭାତ କୁମାର ଶତପଥୀ ଓ ବିଶିଷ୍ଟ ସାମାଜ ସେବୀ ତଥା ନବ ନିର୍ମାଣ ସମିତିର ସଭାପତି ଶ୍ରୀ ଅକ୍ଷୟ କୁମାର ଦାଶ ମଞ୍ଚାସୀନ ଥିଲେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସାହିତ୍ୟ ସମ୍ପର୍କିତ ଆଲୋଚନା ହେଇଥିଲା। ଶ୍ରୀରଙ୍ଗ ନାୟକ ବଂଶଧାରା ନଦୀ ଅବବାହିକାରେ ଥିବା ଅଧିବାସୀ ମାନଙ୍କ ସାହିତ୍ୟର ରକ୍ଷଣାବେକ୍ଷଣ ଓ ଏହାର ପୃଷ୍ଟପୋଷକ ପ୍ରସଙ୍ଗରେ ଆଲୋଚନା କରି ଥିଲେ। ସାହିତ୍ୟିକ ସୁଶାନ୍ତ ନାୟକ ଆଧୁନିକ ସାହିତ୍ୟ ବିକାଶରେ ଆମ ଅଞ୍ଚଳର ଭୂମିକା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ ସ୍ୱାଗ୍ତ ଅଭିଭାଷଣ ଡକ୍ଟର ଅଶ୍ୱିନୀ କୁମାର ତ୍ରିପାଠୀ ପ୍ରଦାନ କରିଥିଲେ। ଜିଲ୍ଲାର ପ୍ରାୟ ଷାଠିଏ ଜଣ ବିଶିଷ୍ଟ କବି /କବୟିତ୍ରୀ ଉପସ୍ଥିତ ରହି ନିଜସ୍ୱ କବିତା ପାଠ କରିଥିଲେ। ଏହି କବିତା ଗୁଡିକୁ ବିଶିଷ୍ଟ ସଂଯୋଜିକା ତଥା କବୟିତ୍ରୀ ଡକ୍ଟର ବେବୀ ରାଣୀ ନନ୍ଦ ଓ ଯୁବ କବି ଶ୍ରୀ ରୁପେଶ ସାହୁ ସଂଯୋଜନା କରିଥିଲେ। ପରିଶେଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଗିରିଧର ଗମାଙ୍ଗ ସାହିତ୍ୟର ଦିଗ ଓ ସାହିତ୍ୟ ସାଧନା ପ୍ରସଙ୍ଗରେ ଉଦବୋଧନ ପ୍ରଦାନ କରି ଥିଲେ। ଏହି ମହୋତ୍ସବକୁ ରମେଶ ମିଶ୍ର ଓ ସନ୍ତୋଷ ଶତପଥୀ, ଉମା ଦାଶ ପରିଚାଳନା କରିଥିଲେ। ପରିଶେଷରେ ଶ୍ରୀ ଦୁର୍ଗା ପ୍ରସାଦ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜୁନାଗଡ଼ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ



ଜୁନାଗଡ଼,(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ଼ ମହୋତ୍ସବ କମିଟି ଓ ଗଣମାଧ୍ୟମ ସଙ୍ଘ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉତ୍ସ କମିଟିରର ଅଧକ୍ଷ ଦୁର୍ଗା ପ୍ରସାଦ ନାଏକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସହ ଅଧକ୍ଷ ଲଳିତ ଅଗ୍ରୱାଲ, ସମ୍ପାଦକ ହିମାଂଶୁ ଶେଖର ବରାଡ଼ , ଈଶ୍ୱର ପୁଝାରି, ଅଶୋକ ପଟ୍ଟନାୟକ, ଉଦ୍ଧବ ଚରଣ ସାହୁ, ବିଘ୍ନରାଜ ବରାଡ଼, ମାନସ ସେଠି ପ୍ରମୁଖ ଉଦବୋଧନ ଦେଇଥିଲେ ।ପ୍ରତିବର୍ଷ ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ଼ ବ୍ଲକ ଓ ଏନଏସି ର ଯୁଗଳବନ୍ଦି ରେ ତିନି ଦିନ ଧରି କଳାହାଣ୍ଡି ଉତ୍ସ ପାଳନ କରାଯାଇଥାଏ । ହେଲେ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖା ଦେଇଥିଲା । କିଛି ଅଧିକାରୀଙ୍କ ଅରାଜକତା ଯୋଗୁଁ ବ୍ଲକ ଓ ଏନଏସି ଭାଗ ଭାଗ ହୋଇଗଲେ । ଚଳିତ ବର୍ଷ ବ୍ଲକ ନିଜେ ଏକାକି କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ କୁରୁଗୁଡା ହାଇସ୍କୁଲରେ ଖେଳ ପଡ଼ିଆ ଠାରେ କଳାହାଣ୍ଡି ଉତ୍ସ ପାଳନ କଲେ । ସେହିଭଳି ସେହିଦିନ ଏନଏସି ପକ୍ଷରୁ ମଧ ତାଙ୍କ କାର୍ଯ୍ୟାଳୟ ପରିସରରେ ଉତ୍ସ ପାଳନ କଲେ । ଜୁନାଗଡ଼ ବାସୀଙ୍କ ଭାବାବେଗକୁ କୁଠାରଘାତ କରିଥିଲେ ୟଅଧିକାରୀ ମାନଙ୍କ ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ ଜୁନାଗଡ଼ର ଲୋକକଳା, ଲୋକ ସଂସ୍କୃତି ବଳି ପଡିଥିଲା । ବ୍ଲକ ଓ ଏନଏସି ର ଲୋକେ ଚଳିତ ବର୍ଷ ଉତ୍ସ ଦେଖିବାରୁ ନିରାଶ ହୋଇଥଲେ। ଜୁନାଗଡ଼ର ମାନ, ସ୍ୱାଭିମାନ ଓ ସର୍ବୋପରି ଜୁନାଗଡ଼ ର ଅସ୍ମିତାକୁ ବଞ୍ଚାଇ ରଖିବା ପାଇଁ ଜୁନାଗଡ଼ବାସୀ ପକ୍ଷରୁ ଜୁନାଗଡ଼ ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଚଳିତ ଫେବୃଆରୀ ୧୪,୧୫ ଓ ୧୬ ତାରିଖରେ ହାଇସ୍କୁଲ ଖେଳ ପଡିଆ ଠାରେ ଜୁନାଗଡ଼ ମହୋତ୍ସବ ପାଳନ ହେବ । କଳାହାଣ୍ଡି ଉତ୍ସକୁ ଆଗରୁ ଅଧିକାରୀ ମାନେ ପାଳନ କରୁଥିଲେ, ବର୍ତ୍ତମାନ ଜୁନାଗଡ଼ ମହୋତ୍ସବହେଉଛି ଲୋକଙ୍କ ଉତ୍ସ,ଏହି ଉତ୍ସକୁ ଜୁନାଗଡ଼ବାସୀ ଉତ୍ସାହ ଉଦ୍ଦୀପନା ରେ ସମସ୍ତେ ପାଳନ କରିବା ପାଇଁ ଜୁନାଗଡ଼ ମହୋତ୍ସବ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ପ୍ରଚାର ଓ ପ୍ରସାର ବିଭାଗ ର କମିଟି ଗଠନ ହୋଇଥିଲା ଏଥିରେ ପ୍ରଚାର ପ୍ରସାର ବିଭାଗ ର ଅଧକ୍ଷ ଭାବେ ସନ୍ତୋଷ କୁମାର ସିଂହ ଦେଓ, ସହ ଅଧକ୍ଷ ଭାବେ ଖଗେଶ୍ୱର ଧଙ୍ଗଡ଼ାମାଝି, ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ ପ୍ରମୁଖ ଙ୍କୁ ମନୋନୀତ କରାଗଲା ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦେଇ ଏହି ମହୋତ୍ସବକୁ ସଫଳ କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ ।

# ୟୁକ୍ରେନ ଯୁଦ୍ଧରେ ଅଧିକ ସଂଖ୍ୟାରେ ମରୁଛନ୍ତି କିମଙ୍କ ସେନା



**କିଭ,୧୨(ଏଜେନ୍ସି):** ୟୁକ୍ରେନ ଯୁଦ୍ଧରେ ଉତ୍ତର କୋରିଆ ସୈନିକମାନେ ବହୁ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି । ରୁଷିଆ ପକ୍ଷରୁ ଯୁଦ୍ଧ କରି ମରିଥିବା ଏହି ସୈନିକମାନଙ୍କୁ ଦେଖିଲେ ଲାଗୁଛି ଯେପରି ସେମାନେ ଜମ୍ବି ସେନା ହୋଇଯାଇଛନ୍ତି । ଉତ୍ତର କୋରିଆ ସୈନିକଙ୍କର ଏଭଳି ମୃତ୍ୟୁ ଦେଖି ୟୁକ୍ରେନ ଅଧିକାରୀମାନେ ମଧ୍ୟ ଦୟା ଅନୁଭବ କରୁଛନ୍ତି । ୟୁକ୍ରେନ ଅଧିକାରୀମାନେ କହିଛନ୍ତି ସେମାନେ ରୁଷୀୟ ସେନିକଙ୍କ ଭାଷା ବୁଝି ପାରୁ ନାହାନ୍ତି, ତେଣୁ ଅସୁବିଧା ଉତ୍ତର କୋରିଆ ସୈନିକମାନେ ନିଜ ଜୀବନକୁ ବିପଦରେ ପକାଇ ଯୁଦ୍ଧକ୍ଷେତ୍ରକୁ ଡେଇଁପଡୁଛନ୍ତି । କିମ୍ ଜୋଙ୍ଗ୍ ଉନ୍ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ୧୧,୦୦୦ ସୈନିକ ପଠାଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଯୁଦ୍ଧକ୍ଷେତ୍ରରେ ୪,୦୦୦ରୁ ଅଧିକ ଉତ୍ତର କୋରିଆ ସୈନିକ ଆହତ ହୋଇଛନ୍ତି । ଏହା ସହିତ ୧,୦୦୦ରୁ ଅଧିକ ମୃତ୍ୟୁବରଣ କରିଛନ୍ତି ଏବଂ ୩,୦୦୦ରୁ ଅଧିକ ଲୋକ ଆହତ ହୋଇ ଶରୀର ଅଙ୍ଗ ହରାଇଛନ୍ତି । ଉତ୍ତର କୋରିଆ ସୈନିକମାନେ ଯୁଦ୍ଧକ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପ୍ରଥମତଃ ଯୁଦ୍ଧ ଲଢିବା ପାଇଁ ସେମାନଙ୍କୁ ଉପଯୁକ୍ତ ତାଲିମ ଦିଆ ଯାଇନାହିଁ । ଦ୍ୱିତୀୟତଃ ସବୁଠାରୁ ବଡ ସମସ୍ୟା ହେଉଛି ସେମାନେ ରୁଷୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଳନ କରିବା ପାଇଁ ଭାଷା ବୁଝି ପାରୁ ନାହାନ୍ତି । ଆହତ ଅବା ମୃତ ଉତ୍ତର କୋରିଆ ସୈନିକଙ୍କ ପ୍ରତି ରୁଷୀୟମାନେ ଦୃଷ୍ଟି ଦେଉ ନଥିବା ଅଭିଯୋଗ ମଧ୍ୟ ହେଉଛି । ଚଳିତ ସପ୍ତାହରେ ଯୁଦ୍ଧକ୍ଷେତ୍ରରୁ ଆସିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ବହୁ ସଂଖ୍ୟକ ଉତ୍ତର କୋରିଆ ସୈନିକଙ୍କ ମୃତାହତ ହେବା ପରେ କୁର୍ସ୍କ ଅଞ୍ଚଳରେ ତାଲିମ ପାଇଁ ସେମାନଙ୍କୁ ପଠାଯାଇଛି । ୟୁକ୍ରେନ ଅଧିକାରୀଙ୍କ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ସୈନିକଙ୍କର ମୃତ୍ୟୁ ପାଇଁ ଭୟ ନାହିଁ । କିମ୍ ଜୋଙ୍ଗ୍ ଉନ୍ ତାଙ୍କର ସୈନିକମାନଙ୍କୁ ଏପରି ଭାବରେ ପ୍ରସ୍ତୁତ କରିଛନ୍ତି ଯେ, ସେମାନଙ୍କ ହୃଦୟରେ ମୃତ୍ୟୁ ପ୍ରତି ଭୟ ନାହିଁ । ଏହି ମିଶନରେ ଯିବାର ପରିଣାମ କ'ଣ ହେବ, ସେମାନଙ୍କର କେଣସି ଧାରଣା ନାହିଁ, ସେମାନେ କେବଳ ମରିବା ଜାଣନ୍ତି । ଉତ୍ତର କୋରିଆର ସର୍ବୋଚ୍ଚ ନେତା କିମ୍ ଜୋଙ୍ଗ୍ ଉନ୍ ଏବଂ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଏହି ସୈନିକମାନଙ୍କୁ ଯୁଦ୍ଧକ୍ଷେତ୍ରରେ ମରିବାକୁ ପଠାଯାଇଛି । ତଥାପି, ରୁଷିଆ ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହିଁ ଯେ, ଉତ୍ତର କୋରିଆ ସୈନିକମାନେ ଯୁଦ୍ଧକ୍ଷେତ୍ରରେ ସେମାନଙ୍କ ସହ ମିଶି ଯୁଦ୍ଧ କରୁଛନ୍ତି ଏବଂ ସେମାନଙ୍କୁ ନକଲି ରୁଷିଆ ପରିଚୟ ପତ୍ର ଦିଆଯାଇଛି । ରୁଷିଆ ବିଶ୍ୱକୁ ଦେଖାଇବାକୁ ଚାହୁଁନାହିଁ ଯେ, ଯୁଦ୍ଧ କରିବାକୁ ଥିବା ସୈନ୍ୟଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । ୟୁକ୍ରେନ ସେନାଙ୍କ ଦ୍ୱାରା ପ୍ରକାଶିତ ସିସିଟିଭି ଡ୍ରୋନ୍ ଭିଡିଓ ଫୁଟେଜରେ ଦର୍ଶାଯାଇଛି ଯେ, ଉତ୍ତର କୋରିଆ ସୈନିକମାନେ ଅସହାୟ ଭାବେ ମୃତ୍ୟୁକୁ ଅପେକ୍ଷା କରିଛନ୍ତି । ଭିଡିଓରେ ଜଣେ ଅସହାୟ ଯୁବକ ଉତ୍ତର କୋରିଆ ସୈନିକ ଏକ ଖାଲରେ ଲୁଚି ରହିଥିବାର ନଜର ଆସିଛନ୍ତି । ସେ ଭୟଭୀତ ହୋଇ ଉଠିଛି ରହିଛନ୍ତି ତାଙ୍କ ଉପରେ ଏକ ଘାତକ ଡ୍ରୋନ୍ ବୁଲୁଛି । ଏହା ପରେ ସେ ନିଜ ରାଇଫଲରୁ ଗୁଳି କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଡ୍ରୋନ୍ ଆଗରେ ସେ ହାର ମାନି ତଳେ ପଡ଼ି ଯାଉଛନ୍ତି । ତା'ପରେ ଡ୍ରୋନ୍ ବିସ୍ଫୋରଣ ହେଉଛି ଏବଂ ସୈନିକ ପ୍ରାଣ ହରାଉଛନ୍ତି । ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି ।

# ଜିବିଏସ୍ ନେଲା ୧୭ ବର୍ଷୀୟା ଛାତ୍ରୀଙ୍କ ଜୀବନ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ପରେ ଅନ୍ୟ ରାଜ୍ୟରେ ଏବେ ଜିବିଏସ୍ (ଗିଲିୟନ୍-ବ୍ୟାରେ ସିଂଡ୍ରୋମ୍) ସଂକ୍ରମଣ ବୃଦ୍ଧି ପାଉଛି । ଏବେ ଆସାମରେ ଜିବିଏସ୍ ଜୀବନ ନେଇଛି । ଏକ ଘରୋଇ ହସ୍ପିଟାଲରେ ଜିବିଏସ୍ ସଂକ୍ରମଣ ଯୋଗୁଁ ଜଣେ ୧୭ ବର୍ଷୀୟା ଯୁବତୀଙ୍କ ମୃତ୍ୟୁ ହୋଇଛି । ଆସାମରେ ଜିବିଏସ୍ ଯୋଗୁଁ ପ୍ରଥମ ଜୀବନ ଯାଇଛି ବୋଲି କୁହାଯାଉଛି । ଜଣେ ଡାକ୍ତର ଏନେଇ କହିଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେଣସି ସୂଚନା ମିଳିପାରି ନାହିଁ । ହସ୍ପିଟାଲର ଜଣେ ଶିଶୁ ରୋଗ ବିଶେଷଜ୍ଞ ନାମ ଗୋପନ ରଖିବା ସର୍ତ୍ତରେ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ, +୨ ଛାତ୍ରୀଙ୍କୁ ପ୍ରାୟ ୧୦ ଦିନ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ତାଙ୍କୁ ଜିବିଏସ୍ ହୋଇଥିବା ଜଣାପଡ଼ିଥିଲା । ଜିବିଏସ୍ ସଂକ୍ରମଣ ହେଲେ ହଠାତ ଶରୀରର ମାଂସପେଶୀ କମଜୋର ହୋଇପଡ଼େ ଏବଂ ପରେ ଗୁରୁତର ସମସ୍ୟା ସୃଷ୍ଟି କରିବା ସହ ରୋଗୀର ଜୀବନ ମଧ୍ୟ ନେଇଯାଏ । ଡାକ୍ତର କହିଛନ୍ତି, 'ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯାଇଥିଲା ଏବଂ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ଗମ୍ଭୀର ଜିବିଏସ୍ ଭାରିଏଣ୍ଟ ଦ୍ୱାରା ପୀଡ଼ିତ ଥିବା ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି । ତେବେ ଆସାମରେ ଏହା ପ୍ରଥମ ଜିବିଏସ୍ ମୃତ୍ୟୁ' ମିଳିଥିବ ସୂଚନା ଅନୁସାରେ, ମୃତ ଛାତ୍ରୀଙ୍କ ଶରୀରରେ ଦେଖିବାକୁ ମିଳିଥିବା ଲକ୍ଷ୍ୟଣ ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ମିଳିଥିବା ଲକ୍ଷଣ ସହ ସମାନ ଥିଲା । ଡାକ୍ତର ଜଣଙ୍କ କହିଛନ୍ତି, ଆଗକୁ ଏଭଳି ଆହୁରି ମାମଲା ଆସିପାରେ ବୋଲି ଭାବି ଭୟ ଲାଗୁଛି । ଛାତ୍ରୀ ଜଣଙ୍କ ବିହାରର ହୋଇଥିବା ବେଳେ ସେ ଆସାମରେ ରହୁଥିଲେ । ତାଙ୍କ ବାପା-ମା ଉତ୍ତମ ଚିକିତ୍ସା ଲାଗି ଝିଅକୁ ଦିଲ୍ଲୀ ନେବାକୁ ଚାହୁଁଥିଲେ ।

# କେଜ୍ରିୱାଲଙ୍କ ଘର ଆଗରେ ଅଳିଆ ଫିଙ୍ଗୁଥିବା ବେଳେ ସ୍ୱାତୀଙ୍କୁ ଉଠାଇନେଲା ପୁଲିସ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଦିଲ୍ଲୀ ପୁଲିସ ହେପାଜତରେ ଆପର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ । ପ୍ରତିବାଦ ସ୍ୱରୂପ ସ୍ୱାତୀ ମାଲିୱାଲ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଘର ବାହାରେ ଅଳିଆ ଫିଙ୍ଗିବାକୁ ପହଞ୍ଚିଥିଲେ । ହେପାଜତକୁ ନିଆଯିବା ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱାତୀ ମାଲିୱାଲ କହିଛନ୍ତି ଯେ, ଆଜି ସମଗ୍ର ଦିଲ୍ଲୀ ଏକ ଅଳିଆ ଗଦାରେ ପରିଣତ ହୋଇଛି । ମୁଁ ଏଠାକୁ ଅରବିନ୍ଦ କେଜରିୱାଲ ଜୀଙ୍କୁ ଭେଟିବାକୁ ଆସିଥିଲି । ଦିଲ୍ଲୀର ଜନତା ତାଙ୍କୁ ସୁଧାରି ଦେବେ । ମୁଁ ସେମାନଙ୍କ ପୁଲିସକୁ ଭୟ କରେ ନାହିଁ ।ସୂଚନା ମୁତାବକ, ସ୍ୱାତୀ ମାଲିୱାଲ ବିକାଶପୁରୀରୁ ଉଠାଯାଇଥିବା ଅଳିଆକୁ କେଜ୍ରିୱାଲଙ୍କ ଘର ବାହାରେ ଫିଙ୍ଗିବାକୁ ଯାଇଥିଲେ । ଏଥିରେ ଅନ୍ୟ ମହିଳାମାନେ ମଧ୍ୟ ସ୍ୱାତୀ ମାଲିୱାଲଙ୍କୁ ସମର୍ଥନ କରିଥିଲେ । ଅଳିଆ ଉଠାଇବା ପୂର୍ବରୁ ସେ କହିଥିଲେ ଯେ, କେଜ୍ରିୱାଲ ଦିଲ୍ଲୀକୁ ଅଳିଆ ରାଜଧାନୀ କରିଛନ୍ତି । ବିକାଶପୁରୀର ରାସ୍ତା ସଫା କରାଯିବ ଏବଂ ସମସ୍ତ ଅଳିଆ ଆବର୍ଜନା କେଜରିୱାଲଙ୍କ ଘରେ ପକାଯିବ । ଏହି ପ୍ରତିବାଦ କୌଣସି ଦଳ ବିରୋଧରେ ନୁହେଁ । ଆଜି ଦିଲ୍ଲୀର ଅବସ୍ଥା ବହୁତ ଖରାପ । ଦିଲ୍ଲୀର ପ୍ରତ୍ୟେକ କୋଣରେ ଅଳିଆ, ରାସ୍ତା ଭାଙ୍ଗିଯାଇଛି ଏବଂ ଡ୍ରେନ୍ ପାଣିରେ ବୁଡ଼ି ରହିଛି । ବିକାଶପୁରୀର ମହିଳାମାନେ ଅଭିଯୋଗ କରିଥିଲେ ଯେ ରାସ୍ତାରେ ଅଳିଆ ଗଦା ହୋଇଛି ଏବଂ ବିଧାୟକଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ, କେହି ଏହାକୁ ସଫା କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାଁନ୍ତି । ମୁଁ ଏଠାକାର ମହିଳାମାନଙ୍କ ଦ୍ୱାରା ଚାଲିଥିବା ସ୍ୱଚ୍ଛତା ଅଭିଯାନର ଏକ ଅଂଶ ହେବାକୁ ଆସିଛି । ଆମେ ଏହି ଅଳିଆକୁ ଅରବିନ୍ଦ କେଜରିୱାଲଙ୍କ ଘରକୁ ନେବୁ ଏବଂ ତାଙ୍କୁ ପଚାରିବୁ ଯେ ସେ ଦିଲ୍ଲୀର ପ୍ରତ୍ୟେକ ଅଞ୍ଚଳକୁ ଯେଉଁ ଅଳିଆ ଉପହାର ଦେଇଛନ୍ତି ତାହାର କ'ଣ କରିବେ । କେଜରିୱାଲ ଆଉ ସାଧାରଣ ଲୋକ ନୁହଁନ୍ତି ।

# ଆଣବିକ କ୍ଷେପଣାସ୍ତ୍ର ତିଆରି କରିବାକୁ ଇରାନର ଯୋଜନା

**ତେହେରାନ,୧।୨(ଏଜେନ୍ସି):** ଆଣବିକ ଅସ୍ତ୍ରଶସ୍ତ୍ର ତିଆରି ପାଇଁ ଇରାନ ଗୁପ୍ତରେ କାର୍ଯ୍ୟ କରୁଛି । ଇରାନ ଏକ ଆଣବିକ କ୍ଷେପଣାସ୍ତ୍ର ତିଆରି କରିବାକୁ ଯୋଜନା କରିଛି ଯାହାର ଲକ୍ଷ୍ୟଭେଦ କ୍ଷମତା ୩,୦୦୦ କିଲୋମିଟର ହେବ । ଏହାକୁ ଦେଶର ସୁରକ୍ଷା ପାଇଁ ନିୟୋଜିତ କରାଯାଇପାରିବ । ବ୍ରିଟିଶ ମିଡିଆ ଆଉଟଲେଟ୍ ଦି ସନ୍ ଏହାର ରିପୋର୍ଟରେ ସାଟେଲାଇଟ୍ ଚିତ୍ର ଉପରେ ଆଧାର କରି ତିନୋଟି ସାଇଟ୍ ଚିହ୍ନଟ କରିଛି ଯେଉଁଠାରେ ଆଣବିକ ଅସ୍ତ୍ରଶସ୍ତ୍ରର ବିକାଶ କାର୍ଯ୍ୟ ଚାଲିଛି । ଇରାନ ନେତାମାନେ ଦାବି କରିଛନ୍ତି ଯେ, ଏହି ଅଞ୍ଚଳଗୁଡ଼ିକ ଏକ ସ୍ପେସ୍ କାର୍ଯ୍ୟକ୍ରମର ଅଂଶ ଭାବରେ ବ୍ୟବହୃତ ହେଉଛି । ଲେବାନନରେ ହେଜବୁଲ୍ଲାର ପରାଜୟ ଏବଂ ସିରିଆରେ ବଶର ଅଲ-ଅସଦ ସରକାରଙ୍କ ପତନ ପରେ ଇରାନ ଅତ୍ୟଧିକ ଭୟଭୀତ ହୋଇ ଯାଇଛି । ଏହି କାରଣରୁ ଇରାନ ପରମାଣୁ ଅସ୍ତ୍ରଶସ୍ତ୍ରର ବିକାଶକୁ ତ୍ୱରାନ୍ୱିତ କରିଛି । ବର୍ତ୍ତମାନ ସରକାର ୩,୦୦୦କିଲୋମିଟରରୁ ଅଧିକ ଦୂରତା ବିଶିଷ୍ଟ କ୍ଷେପଣାସ୍ତ୍ର ଭଳି ବିପଜ୍ଜନକ ଆଣବିକ ଅସ୍ତ୍ର ତିଆରି କରୁଛନ୍ତି । ଇରାନର ଅସ୍ତ୍ରଶସ୍ତ୍ରର ଏହି ସୀମା ଅନେକ ମହାଦେଶର ସୀମାକୁ ଛୁଇଁବାର ଆଶଙ୍କା ରହିଛି । ଇରାନର ଏହି ପରିସରର ଅସ୍ତ୍ରଶସ୍ତ୍ରର ଅର୍ଥ ହେଉଛି ଭାରତ, ଇଟାଲୀ, ୟୁକ୍ରେନ ଏବଂ ରୁଷିଆର ବହୁ ଅଞ୍ଚଳ ମଧ୍ୟ ତେହେରାନର ଲକ୍ଷ୍ୟଭେଦ କରିପାରିବ । ଦି ସନ୍ ରିପୋର୍ଟ ଅନୁଯାୟୀ, ଇରାନ ଶାହରୁଦ୍ ଏବଂ ସେମନାନର ଦୁଇଟି ସ୍ଥାନରେ ପରମାଣୁ ଅସ୍ତ୍ରଶସ୍ତ୍ର ବିକଶିତ କରୁଛି । ଏହା ପୂର୍ବରୁ ଏହାକୁ ରକେଟର ସ୍ପେସ୍ ଉପଗ୍ରହ ଉତ୍କ୍ଷେପଣ ସ୍ଥାନ ଭାବରେ ଉଲ୍ଲେଖ କରାଯାଇଥିଲା । ଏକ ତୃତୀୟ ସାଇଟ୍ ହେଉଛି ସୋରେହେ ହେସର ଯାହା ପରମାଣୁ ଶକ୍ତି ଏବଂ ଭୂତଳ ବିସ୍ଫୋରଣ ଉପରେ ଗବେଷଣା ସହିତ ପ୍ରକଳ୍ପଗୁଡିକ ଉପରେ କାର୍ଯ୍ୟ କରୁଛି । ରିପୋର୍ଟ ଅନୁଯାୟୀ, ଇରାନର ସରକାରୀ ପ୍ରତିଷ୍ଠାନ ଘାଏମ-୧୦୦ କ୍ଷେପଣାସ୍ତ୍ର ପାଇଁ ଆଣବିକ ଯୁଦ୍ଧବିମାନ ବିକାଶ କରୁଛି । ଘାଏମ-୧୦୦କ୍ଷେପଣାସ୍ତ୍ରର ବିକାଶରେ ଉତ୍ତର କୋରିଆର କ୍ଷେପଣାସ୍ତ୍ର ପ୍ରଯୁକ୍ତିକୁ ବ୍ୟବହାର କରାଯାଇଛି ।

୨୦୧୧ରେ, ଯେତେବେଳେ ଏହି କ୍ଷେପଣାସ୍ତ୍ର ପ୍ରାରମ୍ଭିକ ପରୀକ୍ଷଣ ପର୍ଯ୍ୟାୟରେ ଥିଲା, ତେହେରାନର ମୋଦାରୋସ୍ ସାଇଟ୍ରେ ୧୨ରୁ ଅଧିକ କ୍ଷେପଣାସ୍ତ୍ର ବିଶେଷଜ୍ଞଙ୍କ ମୃତ୍ୟୁ ଘଟିଥିଲା । ବିପଦକୁ ଦୃଷ୍ଟିରେ ରଖି ଶାହରୁଦ୍ର ଅଞ୍ଚଳରେ କର୍ମଚାରୀଙ୍କ ଗାଡ଼ି ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଲୋକଙ୍କୁ ଭିତରକୁ ନେବା ପୂର୍ବରୁ ଯାନଗୁଡ଼ିକୁ ଚେକ୍ପଏଣ୍ଟରେ ପାର୍କିଂ କରିବାକୁ ପଡିବ । ଏହି ସମୟରେ ଇରାନ ଆମେରିକାକୁ ଚେତାବନୀ ଦେଇଛି ଯେ, ଯଦି ଏହାର ଆଣବିକ ସୁବିଧା ଉପରେ ଆକ୍ରମଣ କରାଯାଏ ତେବେ ଏହା ପାଗଳାମି ହେବ । ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି ଚଳିତ ସପ୍ତାହରେ ସ୍କାଏ ନ୍ୟୁଜକୁ କହିଛନ୍ତି ଯେ, ଏହା ସମଗ୍ର ଅଞ୍ଚଳରେ ଏକ ବିପର୍ଯ୍ୟୟ ସୃଷ୍ଟି ହେବ ।

# ରାହୁଲ ଗାନ୍ଧିଙ୍କ ମାରଥନ ପ୍ରଚାର

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଦିଲ୍ଲୀରେ କଂଗ୍ରେସ ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ମାରଥନ ପ୍ରଚାର । ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି ରାହୁଲ । ଆଜି ରାହୁଲଙ୍କ ପତପଡ଼ଗଂଜ ଏବଂ ଓଖଲା ଅଂଚଳରେ ପ୍ରଚାର ରହିଛି । ଦୁଇ ସାଧାରଣ ସଭାରେ ଯୋଗ ଦେଇ ଜନତାଙ୍କୁ ସମ୍ବୋଧିତ କରିବେ । ପତପଡ଼ଗଂଜରେ ଅପରାହ୍ନ ୪ଟାରେ ରହିଛି ରାହୁଲଙ୍କ କାର୍ଯ୍ୟକ୍ରମ । ଏହା ପୂର୍ବରୁ ଦିଲ୍ଲୀର ବାଲ୍ମିକୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଠାକୁରଙ୍କୁ ଦର୍ଶନ କରିଥିଲେ ରାହୁଲ । ମନ୍ଦିରରୁ ବାହାରିବା ପରେ ରାହୁଲ ଦିଲ୍ଲୀ ବିଧାନସଭା ଅଂଚଳର ବସ୍ତିରେ ଦଳିତ ମହିଳାଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ଏଥର ପତପଡ଼ଗଂଜ ଆସନରେ କଡ଼ା ମୁକାବିଲା ହେଉଛି । କଂଗ୍ରେସ, ଆପ ଏବଂ ବିଜେପି ମଧ୍ୟରେ ତ୍ରିମୁଖୀ ଲଢେଇ ସମ୍ଭାବନା ରହିଛି । କଂଗ୍ରେସରୁ ବରିଷ୍ଠ ନେତା ଅନୀଲ ଚୌଧୁରୀ ଏଠାରୁ ପ୍ରାର୍ଥୀ ହୋଇଛନ୍ତି । ଆମ ଆଦମୀ ପାର୍ଟିରୁ ଅୱଧ ଓଝା ଏବଂ ବିଜେପିରୁ ରବିନ୍ଦର ସିଂ ନେଗୀ ପ୍ରାର୍ଥୀ ହୋଇଛନ୍ତି । ୨୦୨୦ରେ ଏହି ଆସନରୁ ଆପର ମନୀଷ ସିସୋଦିଆ ବିଜୟୀ ହୋଇଥିଲେ । ଏବେ ସେ ଜଙ୍ଗୀପୁରା ସିଟରୁ ଲଢୁଛନ୍ତି ।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ବାସଭବନରେ ଚଢ଼ାଉ କରିଛନ୍ତି ଇସି ଅଧିକାରୀ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଦିଲ୍ଲୀରେ ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ଘରେ ଚଢ଼ାଉ କରିବାକୁ ନିର୍ବାଚନ କମିଶନ (ଇସି) ଅଧିକାରୀମାନେ ପହଞ୍ଚିଛନ୍ତି ବୋଲି ଗୁରୁବାର ଦାବି କରିଛି ଆମ୍ ଆଦମୀ ପାର୍ଟି (ଆପ୍) । ବିଧାନସଭା ନିର୍ବାଚନ ଲାଗି ଆପ୍ ପକ୍ଷରୁ ପ୍ରଚାର କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅଛନ୍ତି । ତେବେ ମାନ୍ ଏବଂ ପଞ୍ଜାବରୁ ଆସିଥିବା ଆପ୍ ସମର୍ଥକମାନେ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି ବୋଲି ବିଜେପି ଏବଂ କଂଗ୍ରେସ ଅଭିଯୋଗ କରିଆସିଛନ୍ତି । ନୂଆଦିଲ୍ଲୀ ବିଧାନସଭା ଆସନରୁ ବିଜେପିର ପ୍ରାର୍ଥୀ ପରବେଶ ବର୍ମା ଅଭିଯୋଗ କରିଛନ୍ତି ଯେ, ପଞ୍ଜାବରୁ ଆସିଥିବା ହଜାର ହଜାର ଆପ୍ ସମର୍ଥକ ଦିଲ୍ଲୀରେ ପ୍ରବେଶ କରିଛନ୍ତି । ଏହା ସହ ସେମାନେ ଦିଲ୍ଲୀ ସରକାରଙ୍କ ଷ୍ଟିକର ଲଗାଇ ଦିଲ୍ଲୀରେ ହଇଚଇ କରୁଛନ୍ତି । ଫଳରେ ଦିଲ୍ଲୀରେ ଆଇନ ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି । ଏପରିକି ପଞ୍ଜାବ ଭବନ ବାହାରେ ଥିବା ଗାଡ଼ିଗୁଡ଼ିକର ଯାଞ୍ଚ କରିବା ଉପରେ ସେ ଜୋର ଦେଇଛନ୍ତି । ଆଗାମୀ କିଛି ଦିନ ମଧ୍ୟରେ ଦିଲ୍ଲୀ ସହର ଅସୁରକ୍ଷିତ ହୋଇପଡ଼ିବ ବୋଲି ସେ ଆଶଙ୍କା ମଧ୍ୟ କରିଛନ୍ତି । ସେ କହିଛନ୍ତି, ନିକଟରେ ଘରୋଇ ଗାଡ଼ିରେ ପଞ୍ଜାବ ସରକାରଙ୍କ ଷ୍ଟିକର ଲାଗିଥିବା ବେଳେ ଏଥିରେ ମଦ, ନିର୍ବାଚନୀ ସାମଗ୍ରୀ ଏବଂ ପ୍ରାୟ ୮ ଲକ୍ଷ ଟଙ୍କା ମିଳିଥିଲା । ପରବେଶ ବର୍ମାଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଆପର ରାଜ୍ୟସଭା ସାଂସଦ ସଂଜୟ ସିଂହ କହିଛନ୍ତି, ପଞ୍ଜାବ ସରକାରଙ୍କ ଅନୁସାରେ ପଞ୍ଜାବ ନମ୍ବର ପ୍ଲେଟ୍ ଥିବା କୌଣସି ଗାଡ଼ି ଜାତୀୟ ରାଜଧାନୀରେ ପ୍ରବେଶ କରିନାହିଁ । ବିଜେପି ମିଥ୍ୟା ଅଭିଯୋଗ ଆଣି ଶସ୍ତା ରାଜନୀତି କରୁଛି ବୋଲି ସେ ଦାବି କରିଛନ୍ତି । ପରବେଶ ବର୍ମାଙ୍କ ଦାବି ଅନୁସାରେ, ହଜାର ହଜାର ଆପ୍ ସମର୍ଥକ ପଞ୍ଜାବରୁ ଆସି ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ରହିଛନ୍ତି । ପଞ୍ଜାବ ସରକାରଙ୍କ ପାସ୍ ଥିବା କାର ଧରି ବୁଲୁଛନ୍ତି । ଆପ୍ ଏବଂ କେଜ୍ରିୱାଲ ଆଗାମୀ ନିର୍ବାଚନରେ ପରାଜୟ ଭୟରେ ଏଭଳି କରୁଛନ୍ତି ବୋଲି ପରବେଶ ବର୍ମା ଦାବି କରିଛନ୍ତି । ସୂଚନାଯୋଗ୍ୟ, ଦିଲ୍ଲୀ ବିଧାନସଭା ନିର୍ବାଚନ ଫେବୃଆରୀ ୫ରେ ହେବାକୁ ଥିବା ବେଳେ ୮ରେ ଫଳାଫଳ ଘୋଷଣା ହେବ । ଏଥର ଜାତୀୟ ରାଜଧାନୀରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିବ । ଆପ୍ ଏବଂ କଂଗ୍ରେସ ଏକାକୀ ନିର୍ବାଚନ ଲଢୁଥିବା ବେଳେ ବିଜେପି ସହ ଟକ୍କର ଜୋରଦାର ହେବ ବୋଲି କୁହାଯାଉଛି । ଆପ୍ ସରକାରରେ ଥିବା ବେଳେ କଂଗ୍ରେସ ଗତ ଦୁଇଟି ନିର୍ବାଚନରେ ଖାତା ଖୋଲିପାରି ନଥିଲା । ସେପଟେ ବିଜେପି ଦୀର୍ଘ ବର୍ଷ ପରେ ପୁଣି ଥରେ ଦିଲ୍ଲୀରେ ଶାସନକୁ ଫେରିବାକୁ ଜୋରଦାର କସରତ କରୁଛି । ବିଜେପି ଆଗାମୀ ନିର୍ବାଚନ ଲାଗି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଚେହେରା କିଏ ସେନେଇ କେଣସି ସ୍ପଷ୍ଟ ସୂଚନା ଦେଇ ନାହିଁ । କିନ୍ତୁ ଆପ୍ ସୁପ୍ରିମୋ କେଜ୍ରିୱାଲ ଯିଏ ନୂଆଦିଲ୍ଲୀ ଆସନରୁ ପ୍ରାର୍ଥୀ ହୋଇଛନ୍ତି , ତାଙ୍କ ଦାବି ଅନୁସାରେ ରମେଶ ବିଧୁରୀ ବିଜେପିର ମୁଖ୍ୟମନ୍ତ୍ରୀ ଚେହେରା ।



# କଂଗ୍ରେସକୁ ଭୋଟ ଦେଲେ ବିଜେପିକୁ ଫାଇଦା : କେଜ୍ରିୱାଲ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସେ ଏହି ଅବସରରେ କଂଗ୍ରେସ ଉପରେ ବଡ଼ ଆକ୍ରମଣ କରିଥିଲେ । ସେ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟିକୁ ପରାସ୍ତ କରିବା କଂଗ୍ରେସର ଏକମାତ୍ର ଲକ୍ଷ୍ୟ । କଂଗ୍ରେସକୁ ଭୋଟ୍ ଦେଲେ ବିଜେପିକୁ ଫାଇଦା ହେବୟକଂଗ୍ରେସକୁ ସମାଲୋଚନା କରି ସେ କହିଛନ୍ତି ଯେ ନିର୍ବାଚନ ଜିତିବା କଂଗ୍ରେସର ଲକ୍ଷ୍ୟ ନୁହେଁ । ସେମାନଙ୍କ ଲକ୍ଷ୍ୟ ହେଉଛି ଆପର ପରାଜୟ । ଏଣୁ କଂଗ୍ରେସକୁ ଭୋଟ ଦେଲେ ତାହା ବିଜେପିକୁ ଫାଇଦା ପହଞ୍ଚାଇବ । କଂଗ୍ରେସ ଗୋଟିଏ ଆସନ ଜିତିବାକୁ ଲଢୁନାହିଁ, ବରଂ ଆପକୁ ହରାଇବାକୁ ଗୋପନରେ ବିଜେପି ସହ ହାତ ମିଳାଇଛି ବୋଲି କେଜ୍ରିୱାଲ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି କଂଗ୍ରେସର କେତେକ କର୍ମୀ ନିକଟରେ ତାଙ୍କୁ ଭେଟିଥିଲେ । ସେମାନେ କହିଥିଲେ କଂଗ୍ରେସ ଆଉ ଆଗପରି ନାହିଁ । ଦଳ ମଧ୍ୟରେ ମତଭେଦ ବଢିଚାଲିଛି । ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ ଏକ ନିଶ୍ଚିତ ବିଜୟ ହାତଛଡ଼ା କରିଥିଲା, କାରଣ କର୍ମୀମାନେ ଜିତିବା ପାଇଁ ଲଢୁଥିବାବେଳେ ଦଳର ନେତାମାନେ ଦଳକୁ ହରାଇବାକୁ ଲଗିଥିଲେ ।



# ଅଲିମ୍ପିକରେ ଦୁର୍ନୀତିର ଦୌଡ ହେଲେ କେଜ୍ରିୱାଲ ସ୍ୱର୍ଣ୍ଣପଦକ ଜିତିବେ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଆମ୍ ଆଦମୀ ପାର୍ଟି (ଏଏପି) ର ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ କଡା ଟାର୍ଗେଟ କରିଛନ୍ତି । ସେ ଦିଲ୍ଲୀବାସୀଙ୍କୁ ବିକାଶର ମିଥ୍ୟା ପ୍ରତିଶ୍ରୁତି ଦେଇ ଏହାକୁ ପୂରଣ କରିନଥିବାର ଅଭିଯୋଗ କରିଛନ୍ତି । ରୋହିଣୀରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରି ଫଡନାଭିସ୍ କହିଛନ୍ତି ଯେ ଯଦି ଅଲିମ୍ପିକ୍ସରେ ଦୁର୍ନୀତିକୁ ନେଇ ଦୌଡ ପ୍ରତିଯୋଗିତା ହୁଏ ତେବେ କେଜ୍ରିୱାଲ ସ୍ୱର୍ଣ୍ଣ ପଦକ ଜିତିବେ । ଦିଲ୍ଲୀର ଦ୍ରୁତ ବିକାଶ ନିଶ୍ଚିତ ହୋଇପାରିବ ବୋଲି ସେ ଭୋଟରଙ୍କୁ ଦିଲ୍ଲୀରେ ବିଜେପି ସରକାର ଗଠନ କରିବାକୁ ଅନୁରୋଧ କରିଛନ୍ତି । ସେ ଦାବି କରିଛନ୍ତି ଯେ ଆପର କୁଶାସନ ଯୋଗୁଁ ଦିଲ୍ଲୀବାସି ଜଳ ନିଷ୍କାସନ ସମସ୍ୟା, ଅପରିଷ୍କାର ଜଳ ଏବଂ ପ୍ରଦୂଷିତ ବାୟୁ ଭଳି ସମସ୍ୟାର ସମ୍ମୁଖୀନ ହେଉଛି । ବିଜେପି ପ୍ରାର୍ଥୀ ବିଜୟନ୍ଦ୍ର ଗୁପ୍ତାଙ୍କ ପାଇଁ ପ୍ରଚାର କରୁଥିବାବେଳେ ଫଡନାଭିସ୍ କହିଛନ୍ତି, କେଜ୍ରିୱାଲଙ୍କୁ ଆନ୍ନା ହଜାରେଙ୍କଠାରୁ କିଏ ଭଲ ଜାଣିପାରିବ ?ମୁଁ ଏଠାକୁ ଆସିବା ପୂର୍ବରୁ ଆନ୍ନା ହଜାରେଙ୍କୁ ଭେଟିଛି । ସେ ମୋତେ କହିଥିଲେ ଯେ କେଜ୍ରିୱାଲ ହେଉଛନ୍ତି ଏହି ଦୁନିଆ ।ର ସବୁଠାରୁ ଅସାଧୁ ବ୍ୟକ୍ତି, କେଜ୍ରିୱାଲ ୨୦୧୧ରେ ସାମାଜିକ କାର୍ଯ୍ୟକର୍ତ୍ତା ଆନ୍ନା ହାଜାରେଙ୍କ ସହ ଦୁର୍ନୀତି ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପରେ କେଜ୍ରିୱାଲ ଏବଂ ଆନ୍ନା ହଜାରେ ଅଲଗା ହୋଇଥିଲେ । ଏହି ରାଲିରେ ଫଡନାଭିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦୁର୍ନୀତି ବିନା ଦେଶରେ ବିକାଶ ଆଣିଥିବାରୁ ଶ୍ରେୟ ଦେଇଛନ୍ତି । ଫଡନାଭିସ୍ କହିଛନ୍ତି, ଆପରେ ଜଣେ ସ୍ୱଚ୍ଛ ମନ୍ତ୍ରୀ ଖୋଜିବା କଷ୍ଟସାଧ । ଯଦି ଅଲିମ୍ପିକ୍ସରେ ଦୁର୍ନୀତି ଦୌଡ ହୁଏ, ତେବେ କେଜ୍ରିୱାଲ୍ ନିଶ୍ଚିତ ଭାବରେ ସ୍ୱର୍ଣ୍ଣ ପଦକ ଜିତିବେ ।



# ଅବସର ପରେ ମଧ୍ୟ ବିଚାରପତି ଶୁଣାଇ ପାରିବେ ରାୟ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ସାରା ଦେଶରେ ହାଇକୋର୍ଟରେ ଦୀର୍ଘଦିନ ପଡ଼ି ରହିଥିବା ଅପରାଧିକ ମାମଲା ଗୁଡ଼ିକର ଫୈସଲା ପାଇଁ ସୁପ୍ରିମକୋର୍ଟ ଏକ ପ୍ରମୁଖ ପଦକ୍ଷେପ ନେଇଛନ୍ତି । ଏହାକୁ ନଜରରେ ରଖି ଏବେ ସବୁ ହାଇକୋର୍ଟଙ୍କୁ ଏହି ଅଧିକାର ମିଳି ଯାଇଛି କି, ସେ ଅବସରପ୍ରାପ୍ତ ବିଚାରପତିଙ୍କୁ ଆଡହକ୍ (ଅସ୍ଥାୟୀ) ବିଚାରପତି ଭାବେ ନିଯୁକ୍ତ କରିବାକୁ ସୁପାରିଶ କରି ପାରିବେ । ଏହା ପୂର୍ବରୁ, ଅପ୍ରେଲ ୨୦୨୧ରେ ସୁପ୍ରିମକୋର୍ଟ ଏକ ଆଦେଶରେ କହିଥିଲେ କି, କେବଳ ସେହି ହାଇକୋର୍ଟରେ ଆଡହକ୍ ଜଜ୍ଙ୍କ ନିଯୁକ୍ତି କରାଯାଇ ପାରେ , ଯେଉଁଠି ଖାଲି ସ୍ଥାନ ସଂଖ୍ୟା ୨୦ପ୍ରତିଶତରୁ କମ୍ ଥିବ । କିନ୍ତୁ ଏବେ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନାଙ୍କର ଅଧ୍ୟକ୍ଷତାରେ ୩ ଜଣିଆ । ବିଚାରପତିଙ୍କର ଖଣ୍ଡପୀଠ ଏହି ସର୍ତ୍ତକୁ ହଟାଇ ଏହି ଆଦେଶର ପ୍ରଭାବକୁ ଅସ୍ଥାୟୀ ଭାବେ ସ୍ଥଗତି କରିଦେଇଛନ୍ତି । ଏହି ବିଶେଷ କାର୍ଯ୍ୟରେ ହାଇକୋର୍ଟରେ ପେଣ୍ଡିଂ ଥିବା ଅପରାଧିକ ମାମଲାର ସଂଖ୍ୟାକୁ ହ୍ରାସ କରାଯାଇ ପାରେ ।

ବାର ଆଣ୍ଡ ବେଞ୍ଚର ରିପୋର୍ଟ ମୁତାବିକ, ୨୦୨୧ରେ ସୁପ୍ରିମକୋର୍ଟ ଲୋକ ପ୍ରହରୀ ବନାମ ଭାରତ ସରକାର ମାମଲାରେ ନିଷ୍ପତ୍ତି ଶୁଣାଇ ପ୍ରଥମ ଥର ହାଇକୋର୍ଟରେ ଆଡହକ୍ ବିଚାରପତିଙ୍କ ନିଯୁକ୍ତିର ଅନୁମତି ଦେଇଥିଲେ । ହେଲେ, କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଦେଇ ଥିଲେ କି, ଏହା ଏକ ନିୟମିତ ପ୍ରକ୍ରିୟା ହେବା ଉଚିତ ନୁହେଁ ଏବଂ ନିୟମିତ ନିଯୁକ୍ତି ଗୁଡ଼ିକର ସ୍ଥାନ ଆଡହକ୍ ଜଜ୍ ନେଇ ପାରିବେ ନାହିଁ । ତତ୍କାଳୀନ ନିଷ୍ପତ୍ତିରେ କିଛି ସର୍ତ୍ତ ସ୍ଥିର କରାଯାଇଛି, ଯେଉଁଥିରେ ହାଇକୋର୍ଟରେ ଯଦି ୨୦ ପ୍ରତିଶତରୁ ଅଧିକ ପଦ ଖାଲି ରହିଛି,ସେତେବେଳେ ଆଡହକ୍ ଜଜ୍ଙ୍କ ନିଯୁକ୍ତି ହୋଇ ପାରେ । କିନ୍ତୁ ଏବେ ସୁପ୍ରିମକୋର୍ଟ ୨୦ ପ୍ରତିଶତ ଖାଲିସ୍ଥାନର ସର୍ତ୍ତକୁ ହଟାଇ ଦେଇଛନ୍ତି, ଯେଉଁଥିରେ ହାଇକୋର୍ଟଙ୍କୁ ଅଧିକ ଫେକ୍ସିବିଲିଟ୍ ମିଳି ଯାଇଛି ଏବଂ ସେ ଅପରାଧ ମାମଲାକୁ ସମାଧାନ କରିବା ପାଇଁ ଅଧିକ ଅବସରପ୍ରାପ୍ତ ବିଚାରପତିଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତ କରି ପାରନ୍ତି ।



# ଆମେରିକାରେ ଆଉ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ; ୬ ମୃତ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଆମେରିକାରେ ପୁଣି ବିମାନ ଦୁର୍ଘଟଣା । ଫିଲାଡ଼େଲ୍ଫିୟା ବିମାନ ବନ୍ଦରରୁ ଉଡ଼ାଣ ଭରିବା ସମୟରେ ବିମାନ ଦୁର୍ଘଟଣାଗ୍ରସ୍ତ । ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା । ତେବେ ୱାଶିଂଟନର ରିଗନ ରାଷ୍ଟ୍ରୀୟ ବିମାନ ବନ୍ଦର ନିକଟରେ ହୋଇଥିବା ଦୁର୍ଘଟଣାର ଦୁଇ ଦିନ ପରେ ଏହି ଦୁର୍ଘଟଣା ହୋଇଛି । ଦୁଇ ଦିନ ପୂର୍ବରୁ ହୋଇଥିବା ଦୁର୍ଘଟଣାରେ ୬୭ ଜଣଙ୍କ ମୃତ୍ୟୁ ହୋଇଥିଲା । ନ୍ୟୁଜ୍ ଏଜେନ୍ସି ଏଏଫପି ଓ ରାୟଟର୍ସ ମୁତାବକ, ବିମାନଟି ଏକ ସପିଂ ମଲ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ଉତ୍ତର-ପୂର୍ବ ଫିଲାଡ଼େଲ୍ଫିୟା ବିମାନ ବନ୍ଦରରୁ ଉଡ଼ାଣ ଭରୁଥିଲା । ଉଡାଣ ଭରିବାର ଠିକ୍ ୩୦ ସେକେଣ୍ଡ ପରେ ଏହି କ୍ରାସ ହୋଇଥିଲା । ଫଳରେ ଅନେକ କୋଠାରେ ନିଆଁ ଲାଗିବା ସହ ଏକାଧିକ ମୃତାହତ ମଧ୍ୟ ହୋଇଛନ୍ତି । ଏନେଇ ଫିଲାଡ଼େଲ୍ଫିୟା ଅଫିସ ଅଫ ଏମରଜେନ୍ସି ମ୍ୟାନେଜମେଣ୍ଟ ସୋସିଆଲ ମିଡ଼ିଆରେ ପ୍ରକାଶ କରିଛି । ସେପଟେ ଫିଲାଡ଼େଲ୍ଫିୟା ଗଭର୍ଣ୍ଣର ଯୋଶ୍ ସପିରୋ କହିଛନ୍ତି ଯେ, ଏହି ଘଟଣା ପଛର କାରଣର ଯାଞ୍ଚ କରାଯିବ । ଏହି ଘଟଣା ସହିତ ଜଡ଼ିତ ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଭାଇରାଲ ହେଉଛ । ଗୋଟିଏ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ପୂରା ଘଟଣା କଏଦ ହୋଇଛି । ସିସିଟିଭି ଫୁଟେଜରୁ ଜଣାପଡୁଛି ଯେ କିପରି ପ୍ଲେନ ବିଲ୍ଡିଂ ଉପରେ ପଡୁଛି । ସେପଟେ ଫିଲାଡ଼େଲ୍ଫିୟା ଅଗ୍ନୀଶମବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରେସ୍କ୍ୟୁ ଅପରେସନ ଜାରି ରଖିଛି । ସେହିପରି ପ୍ରଭାବିତ କୋଠାଗୁଡ଼ିକୁ ଖାଲି କରାଯାଉଛି । ଏଥିସହ ଗଭର୍ଣ୍ଣର ଯୋଶ ଶପିରୋ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଉ କହିଛନ୍ତି ଯେ ବିମାନ ସୁରକ୍ଷା ନିୟମକୁ ଆହୁରି ଶକ୍ତ କରାଯିବ । ସେହିପରି ଘଟଣାରେ ଆହତ ବ୍ୟକ୍ତି ଅଧିକା ଚିକିତ୍ସା ପାଇଁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ବେଙ୍ଗଲ ଟାଇଗର୍ସ 'ହକି ଇଣ୍ଡିଆ ଲିଗ୍' ବିଜେତା

**ରାଉରକେଲା, ୧।୨ (ମହାଭାରତ) :** ୭ ବର୍ଷ ପରେ ଫେରିଥିବା 'ହକି ଇଣ୍ଡିଆ ଲିଗ୍'ର ଷଷ୍ଠ ସଂସ୍କରଣରେ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ବିଜେତା ହୋଇଛି। ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ରେ ଆୟୋଜିତ ଏହି ୮ ଦଳୀ। ପେସାଦାର ହକି ଲିଗ୍ର ଘଡ଼ିକୁ ଘଡ଼ି ମୋଡ଼ ବଦଳାଉଥିବା ଏବଂ ଜବରଦସ୍ତ ଲଢେ ଭରା ଫାଇନାଲ୍ରେ ଶନିବାର ବେଙ୍ଗଲ ଟାଇଗର୍ସ ୪-୩ ଗୋଲ୍ରେ ହାଇଦ୍ରାବାଦ ତୁଫାନ୍ସକୁ ଶିକାର କରି ଆକର୍ଷଣୀ। ଟ୍ରଫି ସହ ୩ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଜିତିଛି। ତୁଫାନ୍ସ ପ୍ରଥମ ତିନି କ୍ୱାର୍ଟରରେ ତୁଫାନି ହକି ଖେଳି ଟାଇଗର୍ସକୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଶେଷ କ୍ୱାର୍ଟରରେ ମ୍ୟାଚ୍ ହାତଛଡ଼ା କରିଛି। ଫଳରେ ରନର୍ ଅପ୍ ଟ୍ରଫି ସହ ୨ କୋଟି ଟଙ୍କାର ଆର୍ଥିକ ପୁରସ୍କାରରେ ସନ୍ତୁଷ୍ଟ ରହିଛି। ତୃତୀୟ ସ୍ଥାନରେ ରହିଥିବା ସୁର୍ମା ହକି କ୍ଲବ୍ କାଂସ୍ୟ ପଦକ ସହ ୧ କୋଟି ଟଙ୍କା ପାଇଛି।

ଦର୍ଶକଙ୍କ ପ୍ରବଳ ଉତ୍ସାହ ତଥା ମନ୍ତ୍ରମୁଗ୍ଧକଳା ଭଳି ପରିବେଶରେ ଖେଳାଯାଇଥିବା ଫାଇନାଲ୍ ଆରମ୍ଭରୁ ଦୁଇ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ୮ ମିନିଟ୍ର ଗତିରୋଧ ପରେ ନବମ ମିନିଟ୍ରେ ଗଞ୍ଜାଲୋ ପେଲେଟ୍ ପ୍ରଥମ ଗୋଲ୍ ଦେବା ପରେ ଉଭୟ ଦଳ ଫାଷ୍ଟ ହକିର ବଳିଷ୍ଠ ନମୁନା ଦେଖାଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ତେବେ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂହ ଦୁଇ ଦଳ ମଧ୍ୟରେ ପ୍ରମୁଖ ଫରକ ପାଲଟିଥିଲେ। ବ୍ୟକ୍ତିଗତ ଭାବେ ତିନିଟି ଗୋଲ୍ ଦେଇ ହ୍ୟାଟ୍ରିକ୍ (୨୫, ୩୨, ୩୫ ମିନିଟ୍) କରିବାର ଅଭୁଲା ସଫଳତା ପାଇବା ସହ ପୂରା ଋତୁରେ ଭଲ କରି ଟାଇଗର୍ସର ଟ୍ରଫି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ ତୁଫାନ୍ସ ଲୁଅ। ହକି ଖେଳିଥିଲେ ମଧ୍ୟ ଗଞ୍ଜାଲୋଙ୍କ ଦ୍ୱିତୀୟ ଗୋଲ୍ (୩୯ ମିନିଟ୍) ଓ ଓଡ଼ିଆ ପୁଅ ଅମନଦୀପ ଲାକ୍ରା (୨୬ ମିନିଟ୍)ଙ୍କ ପ୍ରଥମ ଗୋଲ୍ ବଳରେ ସ୍ଥିତି ସମାନ ସ୍ଥରକୁ ଆଣିଥିଲେ। ୫୬ ମିନିଟ୍ରେ ଟାଇଗର୍ସର ଗୋଲ୍ରକ୍ଷକ ଜାମି କାର୍ ଗଞ୍ଜାଲୋଙ୍କ ଏକ ଲକ୍ଷ୍ୟଭେଦୀ ପେନାଲ୍ଟି ସଟ୍କୁ ନିଷ୍ଫଳ କରିବା ମ୍ୟାଚ୍ର ଟର୍ଣ୍ଣିଂ ପଏଣ୍ଟ ଥିଲା।

ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ସଂପାଦକ ଭୋଳାନାଥ ସିଂହ, କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା, ଓଡ଼ିଶା ହକି ବିକାଶ ପରିଷଦର ସିଇଓ ଦୀପଙ୍କର ମହାପାତ୍ର, ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ସଭାପତି କ୍ରିସ୍ ଜେନକିନ୍ସ, ମୁଖ୍ୟ କାର୍ଯ୍ୟନିର୍ବାହୀ କାଟି ସାଡଲେର, ହକି ଇଣ୍ଡିଆ ଓ ରାଜ୍ୟ କ୍ରୀଡ଼ା ବିଭାଗର ବହୁ ବରିଷ୍ଠ ଅଧିକାରୀ, ଫ୍ରାଞ୍ଚାଇଜ ମାଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ହକି ଇଣ୍ଡିଆ ଲିଗ୍ ଫାଇନାଲ୍ରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ୟୁଟ୍ୟୁବର ତର୍ଷ। ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ଦକ୍ଷିଣ ଭାରତୀ। ବାପା ଓ ଆଫ୍ରିକୀ। ମା'ଙ୍କ ୟୁଟ୍ୟୁବର ପୁଅ ତର୍ଷ ହକିକୁ ମନ ଭରି ଉପଭୋଗ କରୁଥିଲା ବେଳେ ଦର୍ଶକ ଓ ଗଣମାଧ୍ୟମପ୍ରେମୀ ତର୍ଷ ସ୍ପଷ୍ଟ ଭାବେ ହିନ୍ଦୀ ଓ ଓଡ଼ିଆ କହୁଥିବା ଦେଖି ତାଜୁବ ହୋଇ ଯାଇଥିଲେ। ସାଙ୍ଗରେ ଥିବା ପିତା ଦୀନେଶ ଲାଇଟିଟି ମଧ୍ୟ ନିଜ ଜନ୍ମ ମାଟିରେ ପୁଅକୁ ଏଭଳି ଭଲପାଇବା ମିଳିବା ଦେଖି ଭାବବିହ୍ୱଳ ହୋଇଯାଇଥିଲେ। ତର୍ଷ ରାଉରକେଲାସ୍ଥିତ କନକ ମଞ୍ଜରୀ ଇଂରାଜୀ ମାଧ୍ୟମ ସ୍କୁଲ୍ରେ ପାଠ ପୁଥିଲା ବେଳେ ତାଙ୍କ ମୁହଁରୁ 'ଏଇଦେଶ ଏଇ ମାଟି, ମମତାମୟୀ ମା'ଟି' ଗୀତ ସମସ୍ତଙ୍କୁ ପ୍ରଭାବିତ କରିଥିଲା। କେବଳ ହିନ୍ଦୀ, ଓଡ଼ିଆ। ନୁହେଁ ତର୍ଷ ପର୍ତ୍ତୁଗିଜ୍, ଇଂରାଜୀ ଓ ସ୍ପାନିସ୍ ଭଳି ପାଞ୍ଚଟି ଭାଷା ପ୍ରାଞ୍ଜଳ ଭାବେ କହିପାରନ୍ତି। ୟୁଟ୍ୟୁବ୍ରେ ତାଙ୍କର 'ଆଫ୍ରିକାନ୍ ଟୋକା' ନାଁରେ ଏକ ଚ୍ୟାନେଲ୍ ରହିଛି। ୯ ବର୍ଷ ବୟସ୍କ ତର୍ଷଙ୍କର ୩୮,୦୦୦ରୁ ଅଧିକ ଅନୁଗାମୀ ଅଛନ୍ତି। ବେଙ୍ଗଲ ଟାଇଗର୍ସ ଦଳକୁ ସମର୍ଥନ କରୁଥିବା ତର୍ଷଙ୍କ ପସନ୍ଦର ଫୁଟବଲର୍ ହେଉଛନ୍ତି ମେସି। ଆଗକୁ ତାଙ୍କ ଚ୍ୟାନେଲ୍ରେ ୧୦ ଲକ୍ଷ ଅନୁଗାମୀ କରିବାକୁ ଲକ୍ଷ୍ୟ ରଖିଛନ୍ତି ସେ। ତର୍ଷ ମଧ୍ୟ ଫ୍ରିଷ୍ଟାଇଲ୍ ଡ୍ୟାନ୍ସ କରିବାକୁ ଭଲ ପାଆନ୍ତି। କେବଳ ଓଡ଼ିଆ। ସଂସ୍କୃତି ନୁହେଁ, ଦେବ ଦେବ ମହାଦେବଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଛି ବୋଲି ଓଡ଼ିଆରେ କୁହନ୍ତି ତର୍ଷ। ଆଗାମୀ ସମୟରେ ଓଡ଼ିଶାକୁ କ୍ରୀଡ଼ା ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି ସେ।

ରାଉରକେଲାର ବାସନ୍ତୀ କଲୋନିର ମୂଳ ବାସିନ୍ଦା ଦୀନେଶ 'ସମ୍ବାଦ'କୁ ଦେଇଥିବା ସୂଚନା ଅନୁସାରେ ପ୍ରାୟ ୨୦ବର୍ଷ ତଳେ ପୂର୍ବ ଆଫ୍ରିକାର ଆଙ୍ଗୋଲା ଚାଲିଯାଇ ସେଠାରେ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ ଆରମ୍ଭ କରିଥିଲେ। ସେଠାରେ ରହୁଥିଲା ବେଳେ ପତ୍ନୀ ଜଜେଲାଙ୍କୁ ବିବାହ କରିଥିଲେ। ଜଜେଲା ଏବେ ପର୍ତ୍ତୁଗାଲରେ ରହୁଥିଲା ବେଳେ ଦୀନେଶ ଗତ ଦୁଇବର୍ଷ ହେବ ନିଜ ଜନ୍ମମାଟି ରାଉରକେଲା ଫେରି ଆସି ଏଠାରେ ବସବାସ କରୁଛନ୍ତି। ଦୁଇ ପୁଅ ତାଙ୍କ ସହ ରହୁଛନ୍ତି। ବଡ଼ ପୁଅ ଡିପିଏସ୍ରେ ଯୁକ୍ତ ଦୁଇ ପଢୁଛନ୍ତି। ୨୦୧୫ରେ ଜନ୍ମଗ୍ରହଣ କରିଥିବା ସାନ ପୁଅ ତର୍ଷ ଦ୍ୱିତୀୟ ଶ୍ରେଣୀର ଛାତ୍ର। ତର୍ଷକୁ ପିଲାବେଳୁ ଓଡ଼ିଆ। ଶିଖାଇଛନ୍ତି। ତର୍ଷ ମଧ୍ୟ ଓଡ଼ିଆ। ଗୀତ ବିଶେଷ କରି ଦେଶାତ୍ମବୋଧ ଗୀତ ଗାଇବାକୁ ଭଲପାଆନ୍ତି। ସବୁଠୁ ବଡ଼ କଥା ହେଲା ତର୍ଷ ଆଫ୍ରିକାରେ ରହିବା ଅପେକ୍ଷା ଓଡ଼ିଶାରେ ରହିବାକୁ ଅଧିକ ଭଲ ପାଆନ୍ତି। ନିଆରା ଓ କେତୁକିଆ। ଚେହେରା ହୋଇଥିବାରୁ ଜୁଆଡ଼େ ଯାଆନ୍ତି, ଆକର୍ଷଣର କେନ୍ଦ୍ରରେ ରହିଥାନ୍ତି।

*ଦିପ୍ତୀ ରଞ୍ଜନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦଯାପିତ*

## ବାଙ୍କୁ ଟାଇଗର ଅରେଇକଣା ଚାମ୍ପିଅନ

**ଧର୍ମଶାଳା, ୧।୨ (ମହାଭାରତ) :** ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ନୂଆକୂଳ ଗ୍ରାମ ଅମରନାଥ କ୍ରିକେଟ୍ ପଡିଆରେ ବଜରଙ୍ଗି କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଦିପ୍ତୀ ରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟ ୮ ଦିନ ଧରି ଚାଲିଥିବା ବେଳେ ମୋଟ ୧୬ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଏମ୍ସିସି ବିରଭାନୁପୁର କ୍ରିକେଟ୍ ଟିମକୁ ୬୧ ରନରେ ପରାସ୍ତ କରି ବାଙ୍କୁ ଟାଇଗର ଅରେଇକଣା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପ୍ରଥମେ ଟସ୍ରେ ଜିତି ଅରେଇକଣା ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ ରନ ସଂଗ୍ରହ କରିଥିଲ । ଦଳ ପକ୍ଷରୁ ଚିକୁ କୁମାର ସର୍ବାଧିକ ୨୨ ବଲରୁ ୬୦ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦିଳର ବୋଲର ଜ୍ୟୋତି ପ୍ରକାଶ ୪ ଗୋଟ ୱିକେଟ ନେଇଥିଲେ ।

୨୧୮ରନର ବିଜୟ ଲକ୍ଷ୍ୟ ନେଇ ବିରଭାନୁପୁର ସମସ୍ତ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୁଜିତ କୁମାର ୨୫ ରନ କରିଥିବା ବେଳେ ବିପକ୍ଷ ଦଳର ବୋଲର ବିକାଶ କୁମାର ୨ଟି ଉଇକେଟ ନେଇଥିଲେ । ଚିକୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ଜିତେନଙ୍କୁ ସର୍ବଶ୍ରେଷ୍ଠ ଖେଳାଳିଭାବେ ଚୟନ କରାଯାଇଥିଲା । ଫାଇନାଲ ଖେଳକୁ ମନୋଜ ନନ୍ଦ ଓ ଜଗନ୍ନାଥ ଦାସ ପରିଚାଳନାରେ ସହଯୋଗ କରିଥିଲେ । ସ୍କୋରର ଓ ଭାଷ୍ୟକାର ଭାବେ ଚନ୍ଦନ ପାଣିଗ୍ରାହୀ,ପ୍ରମୋଦ ନନ୍ଦ,ଗିରିଜା ଶଙ୍କର ମହାନ୍ତି ଓ ବିଚିତ୍ର କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଯୁବ ସମାଜସେବୀ ଜୟନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ସମ୍ମାନୀତ ଅତିଥିଭାବେ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା,ଶିକ୍ଷାବିତ୍ ସୁରେଶ ପ୍ରଧାନ ଓ ରବି ନାରାୟଣ ପ୍ରଧାନ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସିଲୁ ନନ୍ଦ,ଅମରେଶ ନନ୍ଦ,ଅଶୋକ ନନ୍ଦ,ପ୍ରକାଶ ପ୍ରଧାନ,ବିକ୍ରମ ପରିଡା,ସିଦ୍ଧାନ୍ତ ପରିଡା,ରିଙ୍କୁ ପରିଡା,ପ୍ରିତିଶ କୁମାର ନନ୍ଦ ଓ ଆଶିଶ ନନ୍ଦ ପ୍ରମୁଖ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

## ବାରବାଟୀ ମ୍ୟାଚ ପାଇଁ ଆଜିଠାରୁ ଟିକେଟ୍ ବିକ୍ରି

**କଟକ, ୧।୨ (ମହାଭାରତ) :** ଆସନ୍ତା ୯ ତାରିଖ ରବିବାର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ଭାରତ-ଇଂଲଣ୍ଡ ଦ୍ୱିତୀୟ ଏକଦିବସୀ। କ୍ରିକେଟ୍ ମ୍ୟାଚ୍ ପାଇଁ ରବିବାର ଅନ୍ଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଅପରାହ୍ଣ ୪ଟାରୁ ଟିକେଟ୍ ବିକ୍ରି ଆରମ୍ଭ କରାଯିବାକୁ ଓସିଏ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ଲାଇନ୍ରେ ୪ ହଜାର ସଂଖ୍ୟକ ଟିକେଟ ବିକ୍ରି କରାଯିବ। ଅନ୍ଲାଇନ୍ରେ ଗ୍ୟାଲେରି ନଂ-୨ (୯୦୦ ଟଙ୍କା), ଗ୍ୟାଲେରି ନଂ-୪ (୯୦୦ ଟଙ୍କା), ଗ୍ୟାଲେରି ନଂ-୭ (୭୦୦ ଟଙ୍କା), ସ୍ପେସାଲ ଏନ୍କ୍ଲୋଜର (୬ ହଜାର ଟଙ୍କା), ଏସି ଗ୍ୟାଲେରି ବକ୍ସ(୮ହଜାର ଟଙ୍କା), ନ୍ୟୁ ପାଭିଲିୟନ (୧୦ହଜାର ଟଙ୍କା) ଏହି ବର୍ଗର ଟିକେଟ ଉପଲବ୍ଧ ହେବ।

ଅନ୍ଲାଇନ୍ରେ ଟିକେଟ ବିକ୍ରି ଅପରାହ୍ଣ ୪ଟାରେ ଆରମ୍ଭ ହେଉଥିବା ବେଳେ ଟିକେଟ କିଣିବା ପାଇଁ ‸ସହ୍ଟଗ୍ଧକ୍ସସମଗ୍ଧ ଇକ୍ଟକ୍ଟକୁ ଡାଉନ ଲୋଡ୍ କରିବାକୁ ପଡ଼ିବ। ଏଥି ପାଇଁ ଲିଙ୍କ୍ ହେଉଛି https://play.goole.comtore/apps/öetails?icomappdationzomatoöistict ଓ ଏହାର ୱେବସାଇଟ୍ ହେଉଛି ।istrict.inö ୱେବସାଇଟ ‸ସହ୍ଟଗ୍ଧକ୍ସସମଗ୍ଧ ଇକ୍ଟକ୍ଟ ଓ ।istrict.in ରେ କ୍ଲିକ୍ କଲେ ମ୍ୟାଚ୍ ବ୍ୟାନର୍ ଦେଖାଯିବ। ଏହି ବ୍ୟାନରରେ କ୍ଲିକ୍ କଲେ, ବ୍ୟବହାରକାରୀ ଇଭେ ପେଜରେ ପହି ସେଠାରେ 'ଇକ୍ଟକ୍ଟଳ ଝସମଳରସ୍ପଗ୍ଧ' ବଟନ୍ ପାଇବେ। ଏଠାରେ କ୍ଲିକ୍ ପରେ ବ୍ୟବହାରକାରୀ ଏକ ଧାଡ଼ିରେ ପ୍ରବେଶ କରିବେ ଓ ତାଙ୍କୁ ଟିକେଟ କିଣିବା ସୁଯୋଗ ମିଳିବ। ଧାଡ଼ି ପୃଷ୍ଠା ବାରବାଟୀ ଷ୍ଟାଡିୟମର ନକ୍ସା ପ୍ରଦର୍ଶିତ କରିବ ଓ ଏହା ଟିକେଟ ବୁକିଂର ବାସ୍ତବ ସ୍ଥିତି ଦେଖାଇବ, ଯାହା ଦ୍ୱାରା ପ୍ରତୀକ୍ଷା କରିଥିବା ବ୍ୟବହାରକାରୀ ଟିକେଟ୍ କିଣିବା ସଂକ୍ରାନ୍ତରେ ନିଷ୍ପତ୍ତି ନେଇପାରିବେ। ଏହା ପରେ ବ୍ୟବହାରକାରି 'ଇଙ୍କଛ ଘକ୍ଟଙ୍ଗ' ବିଭାଗରେ ପ୍ରବେଶ କରିବେ ଯେଉଁଠି ସେମାନେ ଉପଲବ୍ଧ ସମସ୍ତ ଷ୍ଟାଣ୍ଡ ଟିକଟ ବିଷୟରେ ଜାଣିପାରିବେ। ସମସ୍ତ ଷ୍ଟାଣ୍ଡ ଜାଣିବା ପରେ ବ୍ୟବହାରକାରୀ ନିଜ ପସନ୍ଦ ମୁତାବକ ଟିକେଟ ଚୟନ କରିବେ। ପରେ Choose Tickets ବଟନରେ କ୍ଲିକ୍ କରି ଟିକଟ ସଂଖ୍ୟା ଦେବେ ଓ ପରେ ଉକ୍ଟଭସ୍ପସଙ୍କର ଉପରେ କ୍ଲିକ୍ କରିବେ। ପରେ ଦୁଇଟି ପିକ୍ଅପ୍ ଲୋକେସନ ମଧ୍ୟରୁ ଗୋଟିଏ ଚୟନ କରିବେ। ଜଣେ ଗ୍ରାହକ (ବ୍ୟବହାରକାରୀ) ସର୍ବାଧିକ ଦୁଇଟି ଟିକଟ କିଣିପାରିବେ। ପରେ ବ୍ୟବହାରକାରୀ ନିଜ ଟିକେଟ ବୁକିଂ ସମୀକ୍ଷା କରିବା ସହିତ ଦେୟ ପେଠ ବିଭାଗକୁ ଅଗ୍ରସର ହେବେ ନିଜ ଟିକଟ କ୍ରୟ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବେ। ଏହି କାର୍ଟ ବା ବ୍ୟବସ୍ଥା ମାତ୍ର ୧୦ମିନିଟ୍ ପାଇଁ ସକ୍ରୀୟ ରହିବ। ବ୍ୟବହାରକାରୀ ଏହି ସମୟସୀମା ମଧ୍ୟରେ ଟିକେଟ୍ କିଣା ଅର୍ଥ ପେଠ କରିବେ। ୟୁପିଆଇ, ନେଟ୍ ବ୍ୟାଙ୍କିଙ୍ଗ୍, କାର୍ଡ ମାଧ୍ୟମରେ ପେଠ ଦାଖଲ କରିପାରିବେ। ଏଥି ପାଇଁ କେବଳ ଆନ୍ତର୍ଜାତିକ କାର୍ଡ ହିଁ କାର୍ଯ୍ୟକାରୀ ହୋଇପାରିବ। ଦେୟ ପେଠ ପରେ ବ୍ୟବହାରକାରୀଙ୍କ ଇମେଲକୁ ବୁକିଂ ସଂକ୍ରାନ୍ତରେ ଏକ ମେସେଜ୍ ଆସିବ ଓ ଏଥିରେ ଛଜ ମକ୍ଟୟର ରହିଥିବ। ଏହା ପରବର୍ତ୍ତୀ ସମୟରେ ଆବଶ୍ୟକ ହେବ।





ରାଉରକେଲାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ନାୟିକା ସାରା ଅଲୀ ଖାନ୍

## ମହାରାଜା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ସୁବର୍ଣ୍ଣପୁର, ୧।୨ (ମହାଭାରତ) :** ସୁବର୍ଣ୍ଣପୁର ପିଏମ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକୋତ୍ସବ ସମାରୋହରେ ପାଳିତ ହୋଇଯାଇଛି ଓ ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଆଶୀଷ ରଂଜନ ଅଧକ୍ଷତା କରିଥିବା ବେଳେ ଏଥିରେ ସୁବର୍ଣ୍ଣପୁର ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ପୁରାତନ ଛାତ୍ର ସଂଘ ତଥା ମୋ ସ୍କୁଲ ଅଭିଯାନ ସଭାପତି ଗୋରେଖନାଥ ସାହୁ ଏବଂ ସ୍କୁଲ ପରିଚାଳନା ସମିତି ଅଧକ୍ଷା ଶ୍ରୀମତୀ ଅଳକାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ ଓ ବକ୍ତାମାନେ ଛାତ୍ର, ଶିକ୍ଷକ ଓ ଅଭିଭାବକ ସମ୍ମିଳିତ ଭାବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣର ମାନ ଉନ୍ନତ କରିବା ପାଇଁ ଅନୁରୋଧ କରିଥିଲେ ଓ ଜାତୀୟ ସ୍ତରରେ ୩୦୦୦ ମିଟର ଲମ୍ବା ଦୌଡରେ ଜୁଲେଶ ନନ୍ଦ, ଯୋଗ ପ୍ରତିଯୋଗୀତାରେ ପ୍ରକାଶ ମେହେରଙ୍କୁ ପୁରସ୍କୃତ କରାଯିବା ସହ ବିଶ୍ୱଜିତ ନନ୍ଦ ଓ ଚନ୍ଦନ ମୁଣ୍ଡାଙ୍କୁ ଖେଳକୁଦ ଚମ୍ପିୟନ, ଲାଲ କୁର୍ତା ଗଙ୍ଗା ଦଳକୁ ଶ୍ରେଷ୍ଠ ବାଦ୍ୟ ନିମନ୍ତେ ଏବଂ ଅଭିମନ୍ୟୁ ମେହେର ତଥା ସୁଜନ ସାହୁଙ୍କୁ ଶ୍ରେଷ୍ଠ ଅଭିନୟ ପାଇଁ ପୁରସ୍କୃତ କରାଯାଇଥିଲା ।

## ସୁସ୍ଥ କେଶ ଓ ତ୍ୱଚା ପାଇଁ ସିମ୍ଫୋନି ହେୟାର ଫଲ୍ କଣ୍ଟ୍ରୋଲ ଗିଜର୍

**ଅହମଦାବାଦ,୧।୨:** ସିମ୍ଫୋନି ଲିମିଟେଡ ଜଳ ଗରମ କରିବା ବ୍ୟବସ୍ଥାକୁ ପ୍ରବେଶ କରିଛି। କମ୍ପାନୀ ୯-ଲେୟର ବିଶିଷ୍ଟ ପ୍ୟୁରୋପଡ୍ ପ୍ରଯୁକ୍ତି ସହିତ ୱାଟର ହିଟର ବର୍ଗ ପ୍ରଚଳନ କରିଛି, ଯାହା କେଶ ଝଡିବାର ଅନ୍ୟତମ କାରଣ ହୋଇଥିବା କ୍ଷାରୀୟ ଜଳକୁ ମୃଦୁ ଜଳରେ ରୂପାନ୍ତରିତ କରୁଛି, କ୍ଷତିକାରକ ରସାୟନ ଓ ଅନ୍ୟାନ୍ୟ ଦ୍ରବ୍ୟକୁ ଛାଣିଦେଉଛି। କମ୍ପାନୀ ୱାଟର ହିଟର ବର୍ଗରେ ୩ଟି ମଡେଲ-୯ଏସ୍କେୟୁ ପ୍ରଚଳନ କରିଛି; ଯଥା- ସିମ୍ଫୋନି ସ୍ପା, ସିମ୍ଫୋନି ସଉନା ଏବଂ ସିମ୍ଫୋନି ସୋଲ୍ ଯାହା ଯଥାକ୍ରମେ ୧୦ ଲିଟର, ୧୫ ଲିଟର ଏବଂ ୨୫ ଲିଟର କ୍ଷମତାରେ ଆସୁଛି। ମନୋରମ ଦୃଶ୍ୟମାନ ହେଉଥିବା, ୫ ତାରକା ମାନ୍ୟତାପ୍ରାପ୍ତ ଏହି ୱାଟର ହିଟର ବର୍ଗ ହେଭି-ଡ୍ୟୁଟି ହିଟିଂ ଉପାଦାନ ସହିତ ଆସୁଛି, ଯେଉଁଥିରେ ପରିବର୍ଦ୍ଧିତ ଦୀର୍ଘସ୍ଥାୟିତ୍ୱ ନିମନ୍ତେ ଟାଇଟାନିୟମ ପ୍ରୋ କୋଟିଂ, ଦୀର୍ଘ କାର୍ଯ୍ୟକାଳ ନିମନ୍ତେ ଏକ ମ୍ୟାଗନେସିୟମ ରଡ ଏବଂ ପୂର୍ଣ୍ଣାଙ୍ଗ ନିରାପତ୍ତା ବୈଶିଷ୍ଟ୍ୟ ରହିଛି। ଏଥିସହିତ କମ୍ପାନୀ ଏହାର ସିମ୍ଫୋନି ସ୍ପା ବର୍ଗରେ ସ୍ମାର୍ଟବାଥ୍ ପ୍ରଯୁକ୍ତି ପ୍ରଚଳନ କରିଛି- ଏହା କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ ଭାରତର ପ୍ରଥମ ୱାଟର ହିଟର ହୋଇଛି। ପ୍ରଯୁକ୍ତିକୁ ଏକ ସ୍ପ୍ଲାଶ୍ ପ୍ରୁଫ୍ କଂଟ୍ରୋଲର ମଧ୍ୟରେ ନିର୍ମାଣ କରାଯାଇଛି ଯାହା ଗ୍ରାହକଙ୍କୁ ସେମାନଙ୍କ ଗିଜର ଗାଧୋଇବା ଅଞ୍ଚଳ ମଧ୍ୟରୁ ଏବଂ ଦୂରରେ ରହି ସହଜରେ ନିୟନ୍ତ୍ରଣ କରିବାକୁ ସମର୍ଥ କରାଉଛି, ଏହାଦ୍ୱାରା ବ୍ୟବହାର ସହଜ ହେବା ସୁନିଶ୍ଚିତ କରିବା ସହିତ ପରିବର୍ଦ୍ଧିତ ସୁରକ୍ଷା ପ୍ରଦାନ କରୁଛି। କଂଟ୍ରୋଲରରେ ମଧ୍ୟ ସମୟ ଓ ତାପମାତ୍ରା ନିୟନ୍ତ୍ରଣ, ଜେଷ୍ଟର ନିୟନ୍ତ୍ରଣ, ପିଲାଙ୍କ ପାଇଁ ନିରାପତ୍ତା ପଦ୍ଧତି ଆଦି ରହିଛି। ଏ ସମ୍ପର୍କରେ ମତ ଦେଇ ଶ୍ରୀ ଅଚଲ ବକେରି, ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର, ସିମ୍ଫୋନି ଲିମିଟେଡ କହିଥିଲେ।

## ସାମସଙ୍ଗ ଗାଲାକ୍ସି ଏସ୨୫ ଶୃଙ୍ଖଳ ସହିତ ଅଲଟ୍ରା-ଡ୍ୟୁରେବୁଲ କର୍ଣ୍ଣିଙ୍ଗ ଗରିଲା ଆଲମର୨

ନୂଆଦିଲ୍ଲୀ, ୧।୨: ସାମସଙ୍ଗ ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆନୁଷ୍ଠାନିକ ଭାବରେ ଏହାର ଅତି ଉଚ୍ଚ ଗ୍ରହଣଯୋଗ୍ୟକାରୀ ଗାଲାକ୍ସି ଏସ୨୫ ଶୃଙ୍ଖଳର ବୈଶିଷ୍ଟକାରୀ ଅଧୁନା ଗାଲାକ୍ସି ଏସ୨୫ ଅଲଟ୍ରା, ଗାଲାକ୍ସି ଏସ୨୫+ ଏବଂ ଗାଲାକ୍ସି ଏସ୨୫ ସ୍ମାର୍ଟଫୋନର ଶୁଭାରମ୍ଭ କରିଛି। ଏହାର ଉପଭୋକ୍ତା ମାନଙ୍କୁ ସେମାନଙ୍କର ଅଭିଜ୍ଞତା ସହିତ ପରବର୍ତି ସ୍ତରକୁ ନେଇ ଏହା ନୂତନ ଗାଲାକ୍ସି ଶୃଙ୍ଖଳରେ କର୍ଣ୍ଣିଙ୍ଗ ଗରିଲା ଆରମର୨ର ଉପସ୍ଥାପନ କରିଛି ଯାହାକି ସମଗ୍ର ଶିଳ୍ପରେ ପ୍ରଥମ ଆଂଟି-ପ୍ରତିଫଳିତ ଗ୍ଲାସ ସେରାମିକ୍ ଅଟେ, ଯାହା ଅସାଧାରଣ ସ୍କ୍ରାଚ୍ ପ୍ରତିରୋଧକ ସହିତ ବର୍ଦ୍ଧିତ ଡ଼ିସପ୍ଲେ ସ୍ୱଚ୍ଛତା ପ୍ରଦାନ କରିଥାଏ। ଭାରତରେ ଏହି ଶୃଙ୍ଖଳ ପାଇଁ ପ୍ରି-ଅର୍ଡ଼ର ଉପଲବ୍ଧ ହେଉଅଛି ଯାହାର ପ୍ରାରମ୍ଭିକ ମୂଲ୍ୟ ଯଥାକ୍ରମେ ଗାଲାକ୍ସି ଏସ୨୫ ପାଇଁ ୮୦,୯୯୯ ଟଙ୍କା, ଗାଲାକ୍ସି ଏସ୨୫+ ପାଇଁ୯୯,୯୯୯ ଟଙ୍କା ଏବଂ ଗାଲାକ୍ସି ଏସ୨୫ ଅଲଟ୍ରା ପାଇଁ ୧,୨୯,୯୯୯ ଟଙ୍କା ରହିଛି। ଗ୍ଲାସ ସେରାମିକ୍ କୌଶଳରେ ଗରିଲା ଆରମର୨ ଏକ ଐତିହାସିକ ସଫଳତା ଅଟେ ଯାହାକି ମିଳିତ ଭାବରେ ଉନ୍ନତ ମାନର କଠିନତା, ଉତ୍କୃଷ୍ଟ ସ୍ୱଚ୍ଛତା ସହିତ ସ୍ମାର୍ଟଫୋନ ଡ଼ିସପ୍ଲେରେ ରହିଛି। ୨.୨ ମିଟର ଉପର ତଳକୁ ପଡ଼ିବାର ସକ୍ଷମତାକୁ ନେଇ ଏହା ଉନ୍ନତ ସୁରକ୍ଷା ତଥା ପ୍ରିମିୟମ ଡ଼ିସପ୍ଲେ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ସହିତ ସମତଳର ପ୍ରତିଫଳନକୁ ହ୍ରାସ ତଥା ସବୁ ପ୍ରକାର ଆଲୋକ ବ୍ୟବସ୍ଥାରେ ସ୍ୱଚ୍ଛତା ପ୍ରଦାନ କରିଥାଏ।

## ମହିଳା କପାଚାଷୀଙ୍କ ନେତୃତ୍ୱରେ ପରିଚାଳିତ ଗ୍ରାମ ସଭା ଜଳାଭାବ ପ୍ରତି ଦୃଷ୍ଟିଦେଉଛି

**ଖପ୍ରାଖୋଲ, ୧।୨ (ମହାଭାରତ) :** ଅଟକି ରହିଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ଜଳସେଚିତ ଚାଷଜମି ପରିମାଣ ତିନିଗୁଣ ବୃଦ୍ଧି ଘଟାଇବା କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ ୨୦୨୯ ସୁଦ୍ଧା ଜଳସେଚନ ଯୋଜନାଗୁଡିକର ପରିପୂର୍ତ୍ତତା ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏକ ଉଲ୍ଲେଖନୀୟ ଘଟଣାରେ ପ୍ରଥମ କରି ଖପ୍ରାଖୋଲ ବ୍ଲକର ପଡିଆବାହାଲ ଗ୍ରାମ ପଞ୍ଚାୟତରେ ୧୧୦ ଜଣ ମହିଳା କପାଚାଷୀ ଏକ ସ୍ୱତନ୍ତ୍ର ଗ୍ରାମସଭା ଆହୂତ କରିବାକୁ ଆଗେଇ ଆସିଛନ୍ତି, ଯାହା ଉକ୍ତ ଅଞ୍ଚଳରେ ଜଳାଭାବ ଭଳି ଏକ ଧ୍ୟାନ ଆକର୍ଷଣକାରୀ ସମସ୍ୟା ସମ୍ପର୍କରେ ଦୃଷ୍ଟିପାତ କରୁଛି, ଯେଉଁଥିପାଇଁ କପା ଉତ୍ପାଦନ ଗୁରୁତର ଭାବରେ ବାଧାପ୍ରାପ୍ତ ହେଉଛି। ଉକ୍ତ ଅଞ୍ଚଳରେ କପା ଏକମାତ୍ର ଫସଲ ଭାବରେ ଚାଷ କରାଯାଉଥିବାବେଳେ ତାହା ଚାଷୀମାନଙ୍କର ବର୍ଷତମାମ ଜୀବନ ଉପାର୍ଜନର ମେରୁଦଣ୍ଡ ଭାବରେ ପରିଗଣିତ ହେଉଛି, ଏବଂ ଏ ଦିଗରେ ସେମାନଙ୍କର ବଞ୍ଚିରହିବା ତଥା ସମୃଦ୍ଧି ନିମନ୍ତେ ଜଳସେଚନ ଏକ ଜରୁରୀ ଆବଶ୍ୟକତା ହୋଇଛି। ଗ୍ରାମସଭାରେ ସରପଞ୍ଚ, ୧୧ ଜଣ ୱାର୍ଡ ସଦସ୍ୟ, ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘର ସଭାପତି, ୮ଜଣ କ୍ଲଷ୍ଟର ରିସୋର୍ସ ପର୍ସନ (ସିଆରପି) ଏବଂ ଏମ୍ବିକେମାନେ ଯୋଗଦେଇଥିବାବେଳେ ମହିଳା ଚାଷୀମାନେ ଜଳାଭାବ ପରିସ୍ଥିତି ଦୂର କରିବାକୁ ବାସ୍ତବ ସମାଧାନ ସମ୍ପର୍କରେ ସକ୍ରିୟ ଆଲୋଚନା କରିଥିଲେ।

## ରୀତି ସ୍ପୋର୍ଟସ୍ର ଗ୍ରେଟ ଗୋଆ ଗେମ୍ସ

ନୂଆଦିଲ୍ଲୀ, ୧।୨: ନବସୃଜନ-ପରିଚାଳିତ ପ୍ରୟାସସମୂହ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ରୀତି ସ୍ପୋର୍ଟସ୍ ୨୦୨୩ରେ ତାଲିକାଭୁକ୍ତ ଏକ ଦ୍ରୁତ-ଅଭିବୃଦ୍ଧିଶୀଳ ଫିନ୍ଟେକ କମ୍ପାନୀ ଏମଓଏସ୍ ୟୁଟିଲିଟି ଲିମିଟେଡ ସହିତ ସହଯୋଗୀତାରେ ଭାରତର ଲଟେରୀ ଶିଳ୍ପର ସଂଜ୍ଞା ପୁନଃ ନିର୍ଦ୍ଧାରଣ କରିବାକୁ ଏକ ରଣକୌଶଳାତ୍ମକ ସହଭାଗୀତା ସମ୍ପର୍କରେ ଘୋଷଣା କରିଛି।

ଏହି ସହଯୋଗୀତା ଏମଓଏସ୍ ୟୁଟିଲିଟି ଲିମିଟେଡର ୧.୯୨ ଲକ୍ଷ-ଏଜେଣ୍ଟ ନେଟୱର୍କକୁ ଅନ୍ଲାଇନ ଲଟେରୀ କାରବାର ପାଇଁ ଅନୁମତି ପ୍ରଦାନ କରୁଥିବା ରାଜ୍ୟଗୁଡିକରେ ସ୍ୱଚ୍ଛତା, ଡିଜିଟାଲ ରୂପାନ୍ତରଣ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉପଯୋଗ କରିବ। ଏହି ପ୍ରୟାସ ଅଧୀନରେ ରୀତି ସ୍ପୋର୍ଟସ୍ ଏବଂ ଏମଓଏସ୍ ୟୁଟିଲିଟି ଲିମିଟେଡ ଦେଶବ୍ୟାପୀ ଏଜେଣ୍ଟମାନଙ୍କୁ ଅନ୍ଲାଇନ ଲଟେରୀ ଟିକଟଗୁଡିକ ବିକ୍ରି କରିବା ପ୍ରକ୍ରିୟାକୁ ସୁଗମ କରାଇବେ। ଏହି ପ୍ରକଳ୍ପ 'ଡିଜିଟାଲ ଇଣ୍ଡିଆ' ଦୂରଦୃଷ୍ଟି ସହିତ ମେଳଖାଉଛି, ଯାହା ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଗୋଆ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଓ ଲଟେରୀ ନିର୍ଦ୍ଦେଶାଳୟ ଦ୍ୱାରା ଜାରି କରାଯାଉଥିବା ବିପଣନ ଲାଇସେନ୍ସ ସହିତ ଗ୍ରେଟ ଗୋଆ ଗେମ୍ସ (ଜିଜିଜି) ଭାରତର ଲଟେରୀ ଶିଳ୍ପରେ ଏକ ଅଗ୍ରଣୀ ଭୂମିକା ନେବାକୁ ଯାଉଛି, ଯେଉଁଠି ଭାରତର ୧୦ରୁ ଅଧିକ ରାଜ୍ୟରେ ସମ୍ପ୍ରତି ବହୁଳ ଭାବରେ କାଗଜ ଟିକଟ-ଆଧାରିତ ବ୍ୟବସ୍ଥା ପ୍ରଚଳିତ ରହିଛି।

## ଜଙ୍ଗଲୀ ମଣିଷ ଦୁନିଆରେ ଅମିର ଖାଁ

**ନୂଆଦିଲ୍ଲୀ,୧।୨:** କୋକା-କୋଲା ଇଣ୍ଡିଆର ଚମକତାଭରା ପାନୀୟ ସହିତ ଚାର୍ଜ ହୋଇ, ନିଜକୁ ଫେରାଇ ନେଇ ହଜିଯାଆନ୍ତୁ ସେହି ଜଙ୍ଗଲୀ ମଣିଷଙ୍କ ସହିତ ଏହାର ଏକ ନୂଆ ଋତୁ "ମନର ସତେଜତା, ଶରୀରର ସତେଜତା"କୁ ନେଇ। ଆମର ପ୍ରିୟ ସେଇ ଗତାନୁଗତିକ ଅମିର ଖାଁଙ୍କୁ ଜଙ୍ଗଲୀ ମଣିଷର ଏକ ବୈଶିଷ୍ଟ ଭରା ନୂଆ ଅବତାରରେ, ଚାର୍ଜଡ଼ ଦ୍ୱାରା ଆଗାମୀ ୨୦୨୫ ଗ୍ରୀଷ୍ମକାଳୀନ ଅଭିଯାନ ପାଇଁ ଏକ ନୂଆ ପାନୀୟର ଶୁଭାରମ୍ଭ। ଏହି ଶୁଭାରମ୍ଭ ଏକ ସତେଜଭରା ଉତ୍ପାଦନର ଅନାବରଣ କରୁଛି ଏକ ନୂଆ ମାସକର୍ଟର ପରିଚୟ ପ୍ରଦାନ କରି ଯେଉଁଥିରେ ଦୃଶ୍ୟମାନ ହେଉଛି ଏକ ଆଲଫା ଗଧିଆ, ଯାହାକି ପରାକ୍ରମୀ ତଥା ଚଂଚଳତାର ପ୍ରତିନିଧିତ୍ୱ କରୁଅଛି।

ଉଭୟ ଶାରୀରିକ ଚତୁରତା ତଥା ମାନସିକ ସତର୍କତାର ଆବଶ୍ୟକତାକୁ ନେଇ 'ଚାର୍ଜଡ଼' ବଜାରରେ ଭିନ୍ନକାରୀତାର ପରିବର୍ତିତ ପ୍ରକ୍ରିୟାକୁ ତ୍ୱରାନିତ କରି ଅସମ୍ଭବର ସମାଧାନକୁ ନେଇ ବଡ଼ଧରଣର ସଫଳତାକୁ ପହଂଚାଇ ପାରିଛି। ବିଭିନ୍ନ ପ୍ରକାରର ଚଳଚ୍ଚିତ୍ରର ବିଶେଷତ୍ୱକୁ ନେଇ ଅମିର ଖାଁ ଏଥିରେ ଆଶା କରାଯାଉ ନଥିବା ଜଙ୍ଗଲୀ ମଣିଷ ଭୂମିକାରେ ବିଭିନ୍ନ ପ୍ରକାରର ଅବାଞ୍ଛିତ ଦୁଃସାହସିକତା ସହିତ ଅନିୟନ୍ତ୍ରିତ ମନ ଏବଂ ଶରୀର ସମ୍ମୁଖୀନ ହେବାର ଦୃଶ୍ୟ ଏଠାରେ ରହିଛି। ଓଗିଲଭି ଦ୍ୱାରା ଭାବାତ୍ମକକୁ ନେଇ ସୃଜନଶୀଳତାର ଦର୍ଶନ ଦ୍ୱାରା ଏହି ଚଳଚ୍ଚିତ୍ରଟି ବିକଶିତ ହୋଇଛି। ଅମିର ଖାଁ ଏଭଳି ଜଙ୍ଗଲୀ ମଣିଷ ରୂପରେ ସବୁଠାରୁ ଉତମ କଳା ଅଭିନୟରେ ନିଜକୁ ଚିତ୍ରଣ କରିବା ସହିତ ଦୃଶ୍ୟମାନ 'ଚାର୍ଜଡ଼'ର ସତେଜଭରା ପାନୀୟ ବୋତଲ ସହିତ ଭରପୂର ବର୍ଣ୍ଣନାତ୍ମକ ଦୃଶ୍ୟରେ ନିଜକୁ ସମ୍ପୂର୍ଣ୍ଣ ହଜାଇ ଦେଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ